ODIA DAILY EDITION
04.04.2025
କଟକ, ଶୁକ୍ରବାର
ପୃଷ୍ଠା-୪+୪, ମୂଲ୍ୟ-₹ ୨.00
ଅପ୍ରେଲ-୦୪, ୨୦୨୫
ବର୍ଷ-୩୬, ସଂଖ୍ୟା-୨୬୬
RNI Regd. NO- 48239/89
P.R.NO-CK(C)/16/2024-2026

# ମାତୃଭାଷା

ପ୍ରତିଷ୍ଠାତା: ବିକାଶ କର
MATRUBHASA
35 Years of publication
SINCE 1989

Epaper- www.matrubhasa.com | matrubhasanews@gmail.com | matrubhasanews@yahoo.co.in | facebook.com/matrubhasanews

# ବିଶ୍ୱବିଦ୍ୟାଳୟ ସଂଶୋଧନ ବିଲ୍ ପାରିତ

## ୨୨ ବର୍ଷ ପରେ ସାରା ରାତି ଚାଲିଲା ବିଧାନସଭା ■ ଅନିର୍ଦ୍ଦିଷ୍ଟ କାଳ ଯାଏ ଗୃହ ମୁଲତବୀ

- ଫେରିବ ସିନେଟ୍ ବ୍ୟବସ୍ଥା
- କୁଳପତି ୪ ବର୍ଷ ନଚେତ୍ ସର୍ବାଧିକ ୭୦ ବର୍ଷ ବୟସ ଯାଏଁ ପଦବୀରେ ରହିପାରିବେ
- ଅବସରର ୬ ମାସ ପୂର୍ବରୁ ନୂଆ କୁଳପତି ନିଯୁକ୍ତି ପ୍ରକ୍ରିୟା
- ପୂରଣ ହେବ ସବୁ ପଦବୀ

**ଭୁବନେଶ୍ୱର, ୩।୪:** ଦୀର୍ଘ ସମୟ ଧରି ଆଲୋଚନା ଓ ବିତର୍କ ପରେ ଆଜି ଭୋରରେ ଓଡିଶା ବିଶ୍ୱ ବିଦ୍ୟାଳୟ ସଂଶୋଧନ ବିଲ -୨୦୨୪ ପାରିତ ହୋଇଛି । ବୁଧବାର ଅପରାହ୍ନ ୪ଟାରୁ ଏହି ବିଲ ଉପରେ ବିତର୍କ ଆରମ୍ଭ ହୋଇଥିଲା ଓ ୧୨ ଘଂଟାରୁ ଉର୍ଧ ସମୟ ଧରି ଆଲୋଚନା ହେବା ପରେ ଆଜି ସକାଳ ୪.୨୯ ମିନିଟରେ ବିଲଟି ପାରିତ ହୋଇଥିଲା । ଶେଷ ଯାଏଁ ଉପସ୍ଥିତ ଥିଲେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ. । ତେବେ ଗୃହରେ ବିରୋଧୀ ଦଳ ନେତା ନବୀନ ପଟନାୟକ ଅନୁପସ୍ଥିତ ଥିଲେ । ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା. ଦୁଇ ମହିଳା ବିଧାୟିକା ଉପାସନା ମହାପାତ୍ର ଏବଂ ସଞ୍ଜଳି ମୁର୍ମୁ ମଧ ଶେଷ ଯାଏଁ ଉପସ୍ଥିତ ଥିଲେ ।

ବିରୋଧୀ ଦଳ ପକ୍ଷରୁ ବରିଷ୍ଠ ବିଧାୟକ ରାଜା ସାଇଁ, ଅରୁଣ ସାହୁ, ଗଣେଶ୍ୱର ବେହେରା, ଧ୍ରୁବ ସାହୁ ବିଲ ବିରୋଧରେ ବର୍ଳିଷ୍ଠ ଯୁକ୍ତି ବଢିଥିଲେ । ସେହିପରି ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମଧ ବିରୋଧୀଙ୍କୁ ଗୋଟିଏ ଗୋଟିଏ ପ୍ରଶ୍ନର ଉତର ଦେଇଥିଲେ । ସାଢେ ୧୨ ଘଂଟା ଧରି ବହୁ ଯୁକ୍ତି ତର୍କ ଏବଂ ଆଲୋଚନା ପରେ ବିଶ୍ୱବିଦ୍ୟାଳୟ ସଂଶୋଧିତ ବିଲ ୨୦୨୪ ପାରିତ ହୋଇଛି. ଭୋର ସମୟରେ ଓଡିଶା ପ୍ରତି ଶିକ୍ଷାର ସୂର୍ଯ୍ୟଦୋୟ ହେବ ବୋଲି କହିଥିଲେ ଉଚ୍ଚ ଶିକ୍ଷା ମନ୍ତ୍ରୀ. ବିଲ ପାରିତ ପାଇଁ ସମସ୍ତ ସଦସ୍ୟଙ୍କୁ ଧନ୍ୟବାଦ ଦେଇଥିଲେ ମନ୍ତ୍ରୀ ।

ସପ୍ତଦଶ ବିଧାନସଭାର ତୃତୀୟ ଅଧିବେଶନ ତଥା ବଜେଟ ଅଧିବେଶନ ଆଜି ସକାଳେ ସମାପ୍ତ ହୋଇଛି । ବାଚସ୍ପତି ସୁରମା ପାଢୀ ତିନୋଟି କାର୍ଯ୍ୟ ଦିବସ ପୂର୍ବରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ବିଧାନସଭାକୁ



ମୁଲତବୀ ଘୋଷଣା କରିଛନ୍ତି ।

ଚଳିତ ଅଧିବେଶନରେ ୨୮ ଟି କାର୍ଯ୍ୟ ଦିବସ ମଧ୍ୟରୁ ୨୫ ଟି କାର୍ଯ୍ୟ ଦିବସ ଚାଲିଥିଲା । ଆଗକୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ନଥିବା ରୁ ବିଧାନସଭାକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ଘୋଷଣା କରିବା ଲାଗି ପ୍ରସ୍ତାବ ଆଣିଥିଲେ ସରକାରୀ ଦଳ ମୁଖ୍ୟ ସଚେତକ । ସମର୍ଥନ କଲେ ଶାସକ ଦଳ ବିଧାୟକ ରୂପ ଭତ୍ରା, ଶତ୍ରୁଘ୍ନ ଜେନା । ଏହା ପରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଗୃହକୁ ମୁଲତବୀ ଘୋଷଣା କଲେ ବାଚସ୍ପତି । ଏହି ଅଧିବେଶନରେ ବବିଶ୍ୱ ବିଦ୍ୟାଳୟ ସଂଶୋଧନ ବିଲ ୨୦୨୪ ଏବଂ ରାଜ୍ୟ ରାଜପଥ ପ୍ରାଧି କରଣ ବିଲ ୨୦୨୫ ବିଧାନସଭାରେ ପାରିତ ହୋଇଛି । ସେହିପରି ୨୦୨୫-୨୬ ଆର୍ଥିକ ବର୍ଷ ର ବଜେଟ ଗୃହରେ ପାରିତ ହୋଇଥିଲା ।

ବେଶ ଘଟଣା ବହୁଳ ଥିଲା ସପ୍ତଦଶ ବିଧାନସଭାର ତୃତୀୟ ଅଧିବେଶନ । ପ୍ରଥମ ଥର ପାଇଁ ବିଧାନସଭା ଇତିହାସରେ ଗୃହ ରୁ ନିଲମ୍ବିତ ହୋଇଥିଲେ କଂଗ୍ରେସ ଦଳର ସମସ୍ତ ବିଧାୟକ । ଏହା ସହ ବିଶ୍ୱ ବିଦ୍ୟାଳୟ ସଂଶୋଧନ ବିଲ ଏବଂ ରାଜ୍ୟ ରାଜପଥ ପ୍ରାଧି କରଣ ବିଲ ଆଲୋଚନା ବେଳେ ରାତି ତମାମ ଚାଲିଥିଲା ବିଧାନସଭା ।

### ରାଜ୍ୟ ରାଜପଥ ପ୍ରାଧିକରଣ ବିଲ୍ ଗୃହୀତ

**ଭୁବନେଶ୍ୱର, ୩।୪:** ଓଡ଼ିଶା ରାଜ୍ୟ ରାଜପଥ ପ୍ରାଧିକରଣ ବିଲ – ୨୦୨୫ ବିଧାନସଭାରେ ପାରିତ ହୋଇଛି । ବିଶ୍ୱ ବିଦ୍ୟାଳୟ ସଂଶୋଧିତ ବିଲ ୨୦୨୪ ପାରିତ ହେବା ପରେ ଓଡ଼ିଶା ରାଜ୍ୟ ରାଜପଥ ପ୍ରାଧିକରଣ ବିଲ – ୨୦୨୫ ଉପରେ ଆଲୋଚନା କରାଯାଇ ଆଜି ସକାଳେ ଏହି ବିଲ ବିଧାନସଭାରେ ପାରିତ କରାଯାଇଛି । ଉଭୟ ଶାସକ ଓ ବିରୋଧୀ ଦଳର ବିଧାୟକ ମାନେ ଏହି ବିଲ ଉପରେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

ବିଧାନସଭାରେ ବିଲ ଉପରେ ବିବୃତି ଦେଇ ବିଭାଗୀୟ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଥିଲେ ଯେ. ଜାତୀୟ ରାଜପଥ ପ୍ରାଧିକରଣ ପରି ରାଜ୍ୟ ରାଜପଥ ପ୍ରାଧିକରଣ କାମ କରିବ । ଓଡିଶାର ଦୃଷ୍ଟିକୋଣ ୨୦୩୬ ଅନୁଯାୟୀ ସଂପୂର୍ଣ ରାଜ୍ୟକୁ ଏକ ଅର୍ଥନୈତିକ ପାଓ୍ୱରହାଉସ୍ ଭାବେ ପରିଣତ କରିବାକୁ ଅତୁଟ ଉନ୍ନତି, ସୁଧାରିତ ସଂଯୋଗ ଓ ପ୍ରସ୍ତୁତି ପାଇଁ ପ୍ରୟାସ କରାଯାଉଛି । ଏହି ସଫଳତାରେ ମୁଖ୍ୟ ଅଂଶ ଲଜିଷ୍ଟିକ୍ସ କ୍ଷମତାକୁ ସୁଧାରିବା ସରକାରଙ୍କ ଲକ୍ଷ । ରାଜ୍ୟର ଆର୍ଥିକ ବିକାଶକୁ ପ୍ରୋତ୍ସାହିତ କରିବା ପାଇଁ ସବୁଦିନିଆ ରାସ୍ତା ନିର୍ମାଣ ଏବଂ ରକ୍ଷଣାବେକ୍ଷଣ ଅତ୍ୟନ୍ତ ଜରୁରୀ ।

# ଲୋକସଭା ପରେ ରାଜ୍ୟସଭାରେ ୱାକଫ୍ ବିଲ୍ ଆଗତ

**ନୂଆଦିଲ୍ଲୀ, ୩।୪:** ବିରୋଧୀଙ୍କ ଜୋରଦାର ବିରୋଧ ଭିତରେ ବିବାଦୀୟ ଏବଂ ସଂଶୋଧିତ ୱାକଫ୍ ସଂଶୋଧନ ବିଲ୍-୨୦୨୫ ଲୋକସଭା ପାସ ହେବା ପରେ ଗୁରୁବାର ବିଲ ରାଜ୍ୟସଭାରେ ଆଗତ ହୋଇଛି । ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ଆଜି ରାଜ୍ୟସଭାରେ ଏହି ବିଲ୍ ଆଗତ କରିଛନ୍ତି । ପରେ ବିଲକୁ ନେଇ ଆଲୋଚନାରେ ମୁହାଁମୁହିଁ ହୋଇଛନ୍ତି ବିରୋଧୀ ଓ ଶାସକ ।

ପ୍ରବଳ ହଟ୍ଟଗୋଳ ଭିତରେ ଲୋକସଭାରେ ୱାକଫ୍ ବିଲ ପାସ ହେବା ପରେ ଆଜି ରାଜ୍ୟସଭାରେ ଆଗତ ହୋଇଛି ବିଲ ।

ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ରାଜ୍ୟସଭାରେ ବିଲ ଉପସ୍ଥାପନ କରିବା ପରେ ମୁହାଁମୁହିଁ ହୋଇଛନ୍ତି ଶାସକ ଓ ବିରୋଧୀ । ବିରୋଧୀ ଏହ ବିଲକୁ ବେଆଇନ କହି ସମାଲୋଚନା କରିଥିବା ବେଳେ

**ସରଗରମ ରାଜନୀତି**

**ଅନୁରାଗ-ଖଡ୍‌ଗେ ମୁହାଁମୁହିଁ**

ଜବାବ ରଖିଛନ୍ତି କରିଣ ରିଜିଜୁ । ଏଥିରେ ଅଣମୁସଲିମଙ୍କର ଆଧିପତ୍ୟ ରହିବା ନାହିଁ ବୋଲି କହିଛନ୍ତି । ବିଲ୍ ଉପରେ ୧୪ ଘଣ୍ଟା ଆଲୋଚନା ପରେ ଗତକାଲି ରାତି ସାଢ଼େ ୧୨ଟାରେ ଭୋଟ୍ ଗ୍ରହଣ ହୋଇଥିଲା । ବିଲ୍ ସପକ୍ଷରେ ୨୮୮ ଜଣ ଭୋଟ୍ ଦେଇଥିବା ବେଳେ ବିଲ୍





ବିରୋଧରେ ୨୩୨ ଜଣ ଭୋଟ୍ ଦେଇଥିଲେ । ସେପଟେ ବିଲକୁ ବିରୋଧ କରି କିଛି ସ୍ଥାନରେ ମୁସଲିମ ସମ୍ପ୍ରଦାୟ ପକ୍ଷରୁ ବିରୋଧ ପଦର୍ଶନ କରାଯାଇଛି । ଲୋକସଭାରେ ପାସ ହେବା ପରେ ରାଜ୍ୟସଭାରେ ବିଲ ପାସ ହେବାର କୌଣସି ଅସୁବିଧା ନାହିଁ । କାରଣ ଏନଡିଏ ପାଖରେ ଆବଶ୍ୟକୀୟ ସଂଖ୍ୟା ଅଛି ।

ଏବେ ୨୩୬ ସଦସ୍ୟ ବିଶିଷ୍ଟ ରାଜ୍ୟସଭାରେ ବିଲ ପାସ ହେବାକୁ ଏନଡିଏକୁ ୧୧୯ ଭୋଟର ଆବଶ୍ୟର ରହିଛି । ଏନଡିଏ ପାଖରେ ୧୨୫ ଭୋଟ ଥିବା ବେଳେ ବିରୋଧୀଙ୍କ ପାଖରେ ୯୫ ଏବଂ ୧୬ ନିରପେକ୍ଷ ସାଂସଦ ଅଛନ୍ତି ।

କିନ୍ତୁ ରାଜ୍ୟସଭାରେ ବିତର୍କରେ ବିଜେପିକୁ କଡା ଜବାବ ଦେଇଛି କଂଗ୍ରେସ । ଆଲୋଚନା ବେଳେ ଆଜି କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡଗେ ବିଜେପି ସାଂସଦ ଅନୁରାଗ ଠାକୁର ମୁହାଁମୁହିଁ ହୋଇଛନ୍ତି । ବିଜେପି ଲୋକ ଡରାଇଲେ ବି 'ଝୁକେଗା ନେହିଁ' କହିଛନ୍ତି କଂଗ୍ରେସ ଅଧକ୍ଷ । ଯାହାର ଜବାବ ରଖିଛି ବିଜେପି । ଆଗକୁ ବିହାର ଓ ପଶ୍ଚିମବଙ୍ଗ ନିର୍ବାଚନ ଥିବା ବେଳେ ୱାକଫ ସଂଶୋଧନ ବିଲର ପ୍ରଭାବ ନିର୍ବାଚନ ଉପରେ ପଡିବ ବୋଲି କୁହାଯାଇଛି । କିନ୍ତୁ କିଏ ଫାଇଦାରେ ରହିବ ତାହା ଆଗାମୀ ସମୟରେ ଜଣାପଡିବ ।

# ରାଜଧାନୀରେ ଡବଲ୍ ଏନକାଉଣ୍ଟର

**ଭୁବନେଶ୍ୱର/ ତାଳଚେର, ୩।୪:** ଭୁବନେଶ୍ୱରରେ ଡବଲ ଏନକାଉଣ୍ଟର । ଭୁବନେଶ୍ୱର ବଡ଼ଗଡ଼ ଅଞ୍ଚଳରେ ଏନକାଉଣ୍ଟର ହୋଇଥିବା ସୂଚନା । ୨ ଅପରାଧୀଙ୍କୁ ଏନକାଉଣ୍ଟର କଲେ କମିଶନରେଟ୍ ପୋଲିସ । ଏନକାଉଣ୍ଟରରେ ୨ ଅପରାଧୀ ଗୁରୁତର ହୋଇଛନ୍ତି । ୨ ଚେନ୍ ଲୁଟେରାଙ୍କୁ ଏନକାଉଣ୍ଟର କରାଯାଇଥିବା ସୂଚନା । ୨ ଲୁଟେରା ହେଲେ ସୋନୁ ଯାଦବ ଓ ମନୀଷ ଯାଦବ । ସେମାନଙ୍କ ଘର ବିହାରରେ ହୋଇଥିବା ସୂଚନା ।

ସମ୍ପୃକ୍ତ ୨ ଜଣଙ୍କୁ ଧରିବାକୁ ଦୀର୍ଘଦିନ ହେବ ଯୋଜନା କରୁଥିଲା ପୋଲିସ । ଗୁଇନ୍ଦା ସୂଚନାକୁ ଆଧାର କରି ଜାଲ ବିଛାଇଥିଲା ପୋଲିସ । ଗିରଫ ଉଦ୍ୟମ ବେଳେ ପାଲଟା ଗୁଳି ଚଳାଇଥିଲେ ଲୁଟେରା । ଜବାବରେ ଗୁଳି ଚାଳନା କରିଥିଲା ସ୍ୱେଶାଲ ସ୍କ୍ୱାର୍ଡ । ଉଭୟ ଲୁଟେରାଙ୍କ ନାଁରେ ବିଭିନ୍ନ ଥାନାରେ ରହିଛି ଏକାଧିକ ମାମଲା ।

ଅନ୍ୟପକ୍ଷରେ ତାଳଚେର ପୁଲିସ ଓ ଅନୁଗୁଳ ପୁଲିସର ସ୍ୱେସାଲ୍ ସ୍କ୍ୱାଡ୍

**ତାଳଚେରରେ କୁଖ୍ୟାତ ଅପରାଧୀଙ୍କୁ ସୁଶାନ୍ତକୁ ଏନକାଉଣ୍ଟର**

ପକ୍ଷରୁ ଏନକାଉଣ୍ଟର ହୋଇଛି । ଏନକାଉଣ୍ଟରରେ କୁଖ୍ୟାତ ଅପରାଧୀ ସୁଶାନ୍ତ ନାୟକ ଗୁରୁତର ହୋଇଥିବା ଜଣାଯାଇଛି । ତାଳଚେର ତାଳବେଡା ଜଙ୍ଗଲରେ ପୁଲିସର ଏହି ଏନକାଉଣ୍ଟର ହୋଇଛି । ସୁଶାନ୍ତଙ୍କ ବାମ ଗୋଡ଼ରେ ଗୁଳି ବାଜିଛି । ଗୁରୁତର ଅବସ୍ଥାରେ ତାଙ୍କୁ ଅନୁଗୁଳ ସରକାରୀ ମେଡ଼ିକାଲରେ ଭର୍ତ୍ତି କରାଯାଇଛି ।

# ୪୦ଟି ନୂଆ ଇ-ବସ୍‌ର ଶୁଭାରମ୍ଭ

## ୪୦୦ ଇ-ବସ୍ ଯୋଗାଇବେ କେନ୍ଦ୍ର ସରକାର : ମନ୍ତ୍ରୀ

ଭୁବନେଶ୍ୱର: 'ଆମ ବସ' ଯୋଜନାରେ ପୁଣି ଯୋଡ଼ି ହୋଇଛି ୪୦ଟି ଇ-ବସ୍ । ଏବେ ଭୁବନେଶ୍ୱରର କ୍ୟାପିଟାଲ୍ ହସ୍ପିଟାଲରୁ କଟକର ଏସସିବି ମେଡିକାଲକୁ ଆମ

**କ୍ୟାପିଟାଲ୍ ହସ୍ପିଟାଲରୁ ଏସସିବି ମେଡିକାଲକୁ ଗଡିବ 'ଆମ ବସ୍'**

ବସ୍ ଗଡ଼ିବ । ରୋଗୀ କିମ୍ବା ରୋଗୀଙ୍କ ସମ୍ପର୍କୀୟଙ୍କ ପାଇଁ ସହାୟକ ହେବ 'ଆମ ବସ୍' ର ନୂଆରୁଟ୍ । ଆଉ ଯାତାୟତ ପାଇଁ ହନ୍ତସନ୍ତ ହେବେନି ରୋଗୀଙ୍କ ପରିବାର । ଏହି ରୁଟ୍ ସମେତ ଅନ୍ୟ ନୂଆ ରୁଟରେ ମଧ ଇ-ବସ୍ ଚାଲିବ । ଭୁବନେଶ୍ୱର ଗାଡ଼କଣସ୍ଥିତ ଆମ ବସ୍ ଡିପୋରେ ୪୦ଟି ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ନୂଆ ଇ-ବସର



ଉଦଘାଟନ କରିଛନ୍ତି ।

ରାଜ୍ୟ ସରକାର ଜନସାଧାରଣଙ୍କ ଯାତାୟତର ସୁବିଧା ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି । ଆଜି ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ୪୦ଟି ନୂତନ ଇ-ବସ୍‌ର ଶୁଭାରମ୍ଭ କରିଛନ୍ତି । ଏହି ସେବାର ଶୁଭାରମ୍ଭ ଭିଜନ୍ ବିକଶିତ ଓଡ଼ିଶା ଏବଂ ସବୁଜ ସହର ନିର୍ମାଣର ଏକ ପ୍ରଧାନ ଅଂଶ ।

ଏନେଇ ଶ୍ରୀ ମହାପାତ୍ର କହିଛନ୍ତି, ଖୁବଶୀଘ୍ର ରାଜ୍ୟର ୮ଟି ସହରରେ ଆମ ବସ୍ ସେବା ଆରମ୍ଭ ହେବ ଏବଂ କେନ୍ଦ୍ର ସରକାର ଓଡିଶାକୁ ୪୦୦ ଇ-ବସ୍ ଯୋଗାଇବେ । ତେବେ ବସ୍ ଦୁର୍ଘଟଣା କମାଇବା ପାଇଁ ଅନେକ ପଦକ୍ଷେପ ନିଆଯିବା ସହ ଆମ ବସ୍ ଭିତରେ ଦୁଇଟି ସିସିଟିଭି କ୍ୟାମେରା ବି ଲଗାଯାଇଥିବା କଥା କହିଛନ୍ତି ମନ୍ତ୍ରୀ ।

### ଖୋର୍ଦ୍ଧାରେ ବିଭିନ୍ନ ଶିଳ୍ପପ୍ରକଳ୍ପର ଭିତିପ୍ରସ୍ତର ଓ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

# ଶିଳ୍ପପତି, ଶ୍ରମିକ ଓ ସରକାର ମଧ୍ୟରେ ସମନ୍ୱୟ ରହିଲେ ପ୍ରଗତି ଆସିବ

**ଖୋର୍ଦ୍ଧା, ୩ ।୪:** ଗୁରୁବାର ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଖୋର୍ଦ୍ଧା ଜିଲ୍ଲା ଗସ୍ତ ଥିଲା । ତେବେ ମଧ୍ୟାହ୍ନରେ ମୁଖ୍ୟମନ୍ତ୍ରୀ ହେଲିକପ୍ଟର ଯୋଗେ ଆସି ହଳଦିପଦା ଅସ୍ଥାୟୀ ହେଲିପ୍ୟାଡ୍‌ରେ

**• ୩୫ ହଜାର ନିଯୁକ୍ତି ପାଇବେ**

ଓହ୍ଲାଇଥିଲେ । ପାରମ୍ପରିକ ଲୋକନୃତ୍ୟ, ବାଦ୍ୟଯନ୍ତ୍ରର ତାଳେ ତାଳେ ବିଧାୟକ, ପ୍ରଶାସନିକ ଅଧିକାରୀ, ସ୍ଥାନୀୟ ଜନତା ସ୍ୱାଗତ କରିଥିଲେ । ଏପରିକି ଭାଜପା ଯୁବ ମୋର୍ଚ୍ଚା ପକ୍ଷରୁ ବିଶାଳ ଫୁଲମାଳରେ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ । ବିକାଶ ପ୍ରକ୍ରିୟାରେ ଆହୁରି ଆଗକୁ ଯିବ ଖୋର୍ଦ୍ଧା ଜିଲା । ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଜିଲାର ପ୍ରଗତିଧାରାକୁ ଆହୁରି ତ୍ୱରାନ୍ୱିତ କରିବା ଲକ୍ଷ୍ୟରେ





ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି । ଖୋର୍ଦ୍ଧା ହଳଦୀପଦା ଏବଂ ମୁଣ୍ଡାମ୍ବ କାଳିବେଡୀରେ ୧୪ଟି ଶିଳ୍ପ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିଛନ୍ତି ମୁଖ୍ୟମନ୍ତ୍ରୀ । ହଳଦୀପଦାରେ ଆୟୋଜିତ ସମାବେଶକୁ ସମ୍ବୋଧିତ କରି ମୁଖମନ୍ତ୍ରୀ କହିଲେ ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ଶା ଗଠନ ଲକ୍ଷ୍ୟ ରହିଛି । ଓଡ଼ିଶା ଏକ କୃଷିପ୍ରଧାନ ରାଜ୍ୟ । ତଥାପି ଓଡ଼ିଶାକୁ ପ୍ରଗତିପଥରେ ଆଗେଇ ନେବାକୁ ହେଲେ ଦ୍ରୁତ ଶିଳ୍ପାୟନ ଜରୁରୀ । ଶିଳ୍ପାୟନ ପାଇଁ ମାନବ ସମ୍ବଳ ଜରୁରୀ । ଯୁବପିଢି ଶିଳ୍ପାୟନର ଇଞ୍ଜିନ ସଦୃଶ । ଶିଳ୍ପର ଅଭିବୃଦ୍ଧି ସହ ବେକାର ଯୁବତୀଯୁବକଙ୍କୁ ନିଯୁକ୍ତିକୁ ସରକାର ପ୍ରାଧାନ୍ୟ ଦେଉଛନ୍ତି । ଏହି ପ୍ରକଳ୍ପରେ ୧୬ ହଜାର କୋଟି ପୁଞ୍ଜିନିବେଶ ସହ ୩୫ ହଜାର ଯୁବତୀଯୁବକଙ୍କୁ କର୍ମ ନିଯୁକ୍ତି ଦିଆଯିବ । ପୂର୍ବ ସକାର ଏମ୍‌ଓୟୁ ସାକ୍ଷର କରୁଥିଲେ, ଶିଳ୍ପ ପ୍ରକଳ୍ପ ଆରମ୍ଭ ହୋଇ ପାରି ନଥିଲା । ଆମ ସରକାର ଯାହା ପ୍ରତିଶ୍ରୁତି ଦେଇଛନ୍ତି ତାହା କାର୍ଯ୍ୟକାରୀ କରୁଛନ୍ତି । ଦିଲ୍ଲୀପ ମୁମ୍ବାଇ ଓ ସିଙ୍ଗାପୁରରେ ଶିଳ୍ପାୟନ ପାଇଁ ସରକାର ରୋଡ୍ ? ଶୋ' କରିଥିଲେ । ଶିଳ୍ପସଂସ୍ଥାକୁ ସ୍ୱାଗତ କରିବା ସହ ଭିତିଭୂମି ଯୋଗାଇ ଦିଆଯାଇଛି । ରାଜ୍ୟର ବିକାଶରେ ସହଭାଗୀ ହେବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ କରିଛନ୍ତି । ଏହି ଅବସରରେ ଶିଳ୍ପ ସଂସ୍ଥାର ସିଇଓମାନେ ଉପସ୍ଥିତ ରହି ଅନୁଭୂତି ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଶିଳ୍ପମନ୍ତ୍ରୀ ସମ୍ପଦ ସ୍ୱାଇଁ, ଶାସନ ସଚିବ ହେମନ୍ତ ଶର୍ମା, ଇପିକଲ ନିର୍ଦ୍ଦେଶକ ଭୂପିନ୍ଦର ପୁନିଆ, ବିଧାୟକ ପ୍ରଶାନ୍ତ ଜଗଦେବ ଓ ବିଭୂତି ବଳବନ୍ତରାୟ ଓ ଜିଲାପାଳ ଚଂଚଳ ରାଣା ଉପସ୍ଥିତ ଥିଲେ ।

■ ସମ୍ବଲପୁର ଗସ୍ତରେ ଡିଜିପି

# ହିଂସା ଛାଡି ମୁଖ୍ୟ ସ୍ରୋତରେ ସାମିଲ ହେବାକୁ ମାଓବାଦୀଙ୍କୁ ଆହ୍ୱାନ

**ସମ୍ବଲପୁର:** ସମ୍ବଲପୁରରେ ପୁଲିସ ଡିଜି ୱାଇବି ଖୁରାନିଆ । ସମ୍ବଲପୁରରେ ପହଞ୍ଚି ପ୍ରଥମେ ମାଆ ସମଲେଶ୍ୱରୀଙ୍କ ଦର୍ଶନ କରିଥିଲେ । ପରେ ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ ଓ ଏସପି ମୁକେଶ ଭାମୁଙ୍କ ସହ ଆଲୋଚନା କରିଥିଲେ । ଏହାପରେ ଉତ୍ତରାଞ୍ଚଳ ଆଇଜିଙ୍କ କାର୍ଯ୍ୟାଳୟରେ ପହଞ୍ଚି ଆରକ୍ଷୀ ମହାନିର୍ଦ୍ଦେଶକଙ୍କ ପଦକ ପ୍ରଦାନ ଉତ୍ସବରେ ଯୋଗ ଦେଇଥିଲେ ଡିଜିପି । ଏବେ ଉତ୍ତରାଞ୍ଚଳ ରେଞ୍ଜର ଗୋଟିଏ ଜିଲ୍ଲାରେ ମାଓବାଦୀ ଦମନ ପାଇଁ ପ୍ରୟାସ ଜାରି ରହିଛି । ଛତିଶଗଡ ଓ ଆନ୍ଧ୍ର ସଂଲଗ୍ନ ଜିଲ୍ଲାରେ ଜୋରଦାର କମ୍ବିଂ ଅପରେସନ ଚାଲିଛି । ଯେଉଁ ଜିଲ୍ଲାରେ ମାଓବାଦୀ ସକ୍ରିୟ ଅଛନ୍ତି ସେସବୁ ଜାଗାରେ ଗୁଇନ୍ଦା କାମ କରୁଛି । ହିଂସା ଛାଡି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବାକୁ ମାଓବାଦୀଙ୍କୁ ଆହ୍ୱାନ ଦେଇଛନ୍ତି ଡିଜିପି ।

ଉତ୍ତରାଞ୍ଚଳ ଆଇଜିଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ସତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେଇ ନିଜନିଜ କ୍ଷେତ୍ରରେ ଉତ୍କୃଷ୍ଟ କାର୍ଯ୍ୟ କରି ଦକ୍ଷତାର ସହ ଲୋକଙ୍କୁ ସେବା ଯୋଗାଇଥିବା ଉତ୍ତରାଞ୍ଚଳ ରେଞ୍ଜ ଅନ୍ତର୍ଗତ ୬ଜଣ ଦକ୍ଷ ପୋଲିସ କର୍ମଚାରୀଙ୍କୁ ପୋଲିସ ମହାନିର୍ଦ୍ଦେଶକ ପଦକ ପ୍ରଦାନ କରିଥିଲେ ।

# କୋଇଡ଼ା ମାଇନ୍ସରେ ଇଓଡବ୍ଲ୍ୟୁର ଚଢ଼ଉ ୩ ହାଇୱା ଜବତ

**ବଣାଇ, ୩।୪:** ବିଜେଡି ନେତା ରାଜା ଚକ୍ରଙ୍କ ପାଇଁ ପୁଣି ବଢ଼ିଲା ଚିନ୍ତା । ଅଧିକ ଖୋଳତାଡ଼ ପାଇଁ କୋଇଡା ଅଞ୍ଚଳରେ ଇଓଡବ୍ଲୁ ଟିମ୍ ପକ୍ଷରୁ ଚଢାଉ କରାଯାଇଛି । ଏହି ଚଢାଉରେ ପେଟ୍ରୋଲ୍ ପମ୍ପ ନିକଟରୁ ୩ଟି ହାଇୱା ଗାଡ଼ିକୁ ଜବତ କରାଯାଇଛି । ଏଥିସହିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ମଧ ଯାଞ୍ଚ କରୁଛି କ୍ରାଇମବ୍ରାଞ୍ଚର ଅର୍ଥନୈତିକି ଅପରାଧ ଶାଖା ।

ସୂଚନା ଅନୁଯାୟୀ, ଗୁରୁବାର ଅର୍ଥନୈତିକି ଅପରାଧ ଶାଖାର ଦୁଇ ଜଣିଆ ଟିମ୍ କୋଇଡ଼ା ଅଞ୍ଚଳରେ ଚଢାଉ କରିଥିଲା । ରାଜା ଚକ୍ରର ବିଭିନ୍ନ ଠିକଣାରେ ଇଓଡବ୍ଲୁ ପକ୍ଷରୁ ହୋଇଥିବା ଚଢଉରେ ୩ଟି ହାଇୱା ଗାଡ଼ିକୁ ଜବତ କରିଛି । ଏହାସହିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କାଜଗପତ୍ର ମଧ ଜବତ ହୋଇଥିବାର ସୂଚନା ମିଳିଛି । ଏହାବ୍ୟତୀତ ପୂର୍ବରୁ ମଧ ରାଜା

**ବିଜେଡି ନେତା ରାଜା ଚକ୍ର ଲିଙ୍କ୍‌ରେ ରେଡ୍**

ଚକ୍ରର ବିଭିନ୍ନ ଠିକଣା ଚଢାଉ ହୋଇଥିଲା । ଯେଉଁଇ ପ୍ରାୟ ୨୦ଟି ଗାଡ଼ିକୁ ଖଣିରୁ ସିଜ୍ କରିଥିଲା ଇଓଡବ୍ଲୁ ଟିମ୍ । ଗନ୍ଧମାର୍ଦ୍ଦନ ଖଣି ଲୋଡିଂ ଏଜେନ୍ସି ଘୋଟାଲ ଖୋଳତାଡ଼ ଚାଲିଛି ।



ସୂଚନାଯୋଗ୍ୟ ଯେ, କେନ୍ଦୁଝରେ 'ଗନ୍ଧମାର୍ଦନ ଲୋଡିଂ ଏଜେନ୍ସି' ଏବଂ ପରିବହନ ସମବାୟ ସମିତି ଲି. ୨୦୦୬ରେ ପଞ୍ଜିକୃତ ହୋଇଥିଲା । ସୋସାଇଟି ଦ୍ୱାରା ପ୍ରାପ୍ତ ଲାଭରୁ ଖଣି ପ୍ରଭାବିତ ଅଞ୍ଚଳର ବାସିନ୍ଦାଙ୍କ ଆର୍ଥିକ ଉନ୍ନତିମୂଳକ କାର୍ଯ୍ୟ ଖର୍ଚ୍ଚ କରାଯାଏ ।

ପରେ ଷଡ଼ଯନ୍ତ୍ର କରି ଶ୍ରମଦେୟ, ପରିଧି ବିକାଶ, ଭିତ୍ତିଭୂମି ଖର୍ଚ୍ଚ, ପ୍ରଭାବିତ ସଦସ୍ୟଙ୍କୁ ଦେୟ, ଇପିଏଫ କାଟ୍ ବାବଦରେ ମିଥ୍ୟା ଦସ୍ତାବିଜ ପ୍ରସ୍ତୁତ କରି କୋଟି କୋଟି ଟଙ୍କା ଆତ୍ମସାତ କରାଯାଇଥିବାର ଅଭିଯୋଗ ହୋଇଥିଲା । ଏହି ଅଭିଯୋଗକୁ ଆଧାର କରି ତଦନ୍ତ ଆରମ୍ଭ ହୋଇଥିଲା । ଘଟଣାରେ ତଦନ୍ତ କରି ରାଜା ଚକ୍ରଙ୍କ ସହିତ ୪ ଜଣ ସହଯୋଗୀଙ୍କୁ ଗିରଫ କରାଯାଇଥିଲା ।

## ଗ୍ରାମ୍ୟ ନିର୍ମାଣ ଡିଭିଜନ୍ ସହକାରୀ ଯନ୍ତ୍ରୀ ଗିରଫ

**ଭୁବନେଶ୍ୱର, ୩।୪:** ଲାଞ୍ଚ ନେବା ଅଭିଯୋଗରେ ଭୁବନେଶ୍ୱର ଗ୍ରାମ୍ୟ ନିର୍ମାଣ ଡିଭିଜନ୍ ର ସହକାରୀ ଯନ୍ତ୍ରୀ ନରେଶ ଦାସଙ୍କୁ ଗିରଫ କରିଛି ଭିଜିଲାନ୍ସ । ଗତକାଲି ଜଣେ ଠିକାଦାରଙ୍କଠୁବିଲ୍ କ୍ଲିୟର ପାଇଁ ଲକ୍ଷେ ଟଙ୍କା ଲାଞ୍ଚ ନେବାବେଳେ ଧରା ପଡ଼ିଥିଲେ ନରେଶ । ରେଡ୍ ବେଳେ ୩ ଲକ୍ଷ ୫୬ ହଜାର ଟଙ୍କା ଜବତ କରିଥିଲେ ଭିଜିଲାନ୍ସ ଅଧିକାରୀ ।

## ସାନ ଯାଆର ମାଡ଼ରେ ବଡ଼ ଯାଆ ମୃତ

**ଦେବଗଡ଼, ୩।୪:** ଜାଳ କାଠ ପାଇଁ ଦୁଇ ଯାଆଙ୍କ ମଧ୍ୟରେ ପାଟିତୁଣ୍ଡ ନେଇଛି ତୀବ୍ର ରୂପାଆଜି ସକାଳେ ସାନ ଯାଆର ମାଡ଼ରେ ବିଧବା ବଡ଼ ଯାଆଙ୍କର ମୃତ୍ୟୁ ହୋଇଛି । ମୃତା ହେଲେ ଦେବଗଡ଼ ପୌରାଞ୍ଚଳ ନୀଳବେର୍ଣ୍ଣି ସାହିର ଜ୍ୟୋତ୍ସ୍ନା ଭୋଜ (୫୫) । ଜାଳ କାଠ ପାଇଁ ଦୁଇ ଯାଆଙ୍କ ମଧ୍ୟରେ ପାଟିତୁଣ୍ଡ ନେଇଛି ତୀବ୍ର ରୂପାଆଜି ସକାଳେ ସାନ ଯାଆର ମାଡ଼ରେ ବିଧବା ବଡ଼ ଯାଆଙ୍କର ମୃତ୍ୟୁ ହୋଇଛି । ମୃତା ହେଲେ ଦେବଗଡ଼ ପୌରାଞ୍ଚଳ ନୀଳବେର୍ଣ୍ଣି ସାହିର ଜ୍ୟୋତ୍ସ୍ନା ଭୋଜ(୫୫) । ଦେବଗଡ଼ ଥାନା ପୁଲିସ୍ ଅଭିଯୁକ୍ତ ସାନ ଯାଆକୁ ଅଟକ ରଖି ପଚରାଉଚରା ଜାରି ରଖିଛି । ଘଟଣା ସ୍ଥଳରେ ସାଇଣ୍ଟିଫିକ ଟିମ ସହାୟତାରେ ଦେବଗଡ଼ ଥାନା ପୁଲିସର ତଦନ୍ତ ଆରମ୍ଭ କରିଛିକ୍ଷ

## ଆସୁଛି ଘୂର୍ଣ୍ଣିବଳୟ : ୮ରୁ ବର୍ଷା ସମ୍ଭାବନା

**ଭୁବନେଶ୍ୱର,୩ ।୪ :** ରାଜ୍ୟରେ କାଳବୈଶାଖୀ ବର୍ଷା ସମ୍ଭାବନା ରହିଛି । ବିଜୁଳି ଘଡ ଘଡି ସହ ବର୍ଷା ସମ୍ଭାବନା । ସେଥିପାଇଁ ୟେଲୋ ୱାର୍ଣ୍ଣିଂ ଜାରୀ କଲା ପାଣିପାଗ ବିଭାଗ । ପବନର ବେଗ ଘଣ୍ଟା ପ୍ରତି ୪୦-୫୦ କିଲୋମିଟର ରହିବ । ଏନେଇ ୨୦ ଜିଲ୍ଲାକୁ ସତର୍କତା ଜାରୀ କରିଛି ଆଞ୍ଚଳିକ ପାଣିପାଗ ବିଭାଗ । ଜିଲ୍ଲା ଗୁଡ଼ିକ ହେଲା ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେଓଗଡ଼, ଅନୁଗୁଳ ଢେଙ୍କାନାଳ, କେଉଁଝର, ମୟୂରଭଞ୍ଜ, ସୋନପୁର, ବୌଦ୍ଧ, ନୂଆପଡ଼ା, କଳାହାଣ୍ଡି, ବଲାଙ୍ଗୀର, କନ୍ଧମାଳ, ନବରଙ୍ଗପୁର, ରାୟଗଡ଼ା, କୋରାପୁଟ, ମାଲକାନଗିରି, ଗଜପତି ଓ ବାଲେଶ୍ୱର । ସେହିପରି ଶୁକ୍ରବାର ମଧ କାଳବୈଶାଖୀ ବର୍ଷା ହେବ । ଏଭଳି ପାଗ ଆସନ୍ତା ୫ ତାରିଖ ଯାଏଁ ରହିବ ।

| | |
|---|---|
| ସେନ୍‌ସେକ୍ସ | ୭୬,୨୯୫ |
| ନିଫ୍ଟି | ୨୩,୨୫୦ |
| ସୁନା/୧୦ଗ୍ରା | ୯୩,୫୫୫ |
| ରୂପା/କିଗ୍ରା | ୧,୦୧,୦୦୦ |
| ଡଲାର | ୮୫.୨୭ |

## ପାଣିପାଗ

**ସର୍ବାଧିକ**
ଭୁବନେଶ୍ୱର: ୩୬.୮°
କଟକ: ୩୫.୩

**ସର୍ବନିମ୍ନ**
ଭୁବନେଶ୍ୱର: ୨୫.୫°
କଟକ: ୨୪.୨°

## ହାଲ୍‌ଚାଲ୍





ଦୀର୍ଘ ବାଇଶି ପରେ ବିଧାନସଭା ରାତିସାରା ଚାଲିଲା ବିଶ୍ୱବିଦ୍ୟାଳୟ ସଂଶୋଧନ ବିଲ୍ ଭୋରରୁ ପାସ୍ ହୋଇଲା ଫେରିବ ସିନେଟ୍ ବ୍ୟବସ୍ଥା କୁଳପତିଙ୍କ କ୍ଷମତା ବଢ଼ିଲା ।

# ମାତୃଭାଷା

କଟକ, ଶୁକ୍ରବାର, ଅପ୍ରେଲ-୪, ୨୦୨୫ ପୃଷ୍ଠା: ୪


## ଟ୍ରମ୍ପ ବଜାଇଲେ ଶୁଳ୍କ ଧେଣ୍ଟୁରା - ଭାରତ ସମେତ ସାରା ବିଶ୍ୱ ନିନାଦିତ

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରତିଶୋଧମୂଳକ ଶୁଳ୍କ ଆଜିଠାରୁ ଲାଗୁ ହୋଇଛି। ଏହା ଆମେରିକୀୟ ସମୟ ଏପ୍ରିଲ ୨ ତାରିଖ ବୁଧବାର ସନ୍ଧ୍ୟା ତଥା ଭାରତୀୟ ସମୟ ଏପ୍ରିଲ ୩ ତାରିଖ ବୃହସ୍ପତିବାର ପ୍ରତ୍ୟୁଷରୁ ଲାଗୁ ହୋଇଛି। ଏଥି ଯୋଗୁ କିଛି କମ୍ପାନୀ ଏବଂ କ୍ଷେତ୍ରର ଚିନ୍ତା ବଢ଼ିଯାଇଛି। କାରଣ ଏହା ଯୋଗୁ ସେମାନଙ୍କର ଆର୍ଥିକ କ୍ଷତି ହେବାର ସମ୍ଭାବନା ରହିଛି। ଭାରତୀୟ ଉତ୍ପାଦ ଉପରେ ଆମେରିକାର ପ୍ରତିଶୋଧମୂଳକ ଶୁଳ୍କ କୃଷି, ମୂଲ୍ୟବାନ ପଥର, ରାସାୟନିକ ପଦାର୍ଥ, ଔଷଧ, ଚିକିତ୍ସା ଉପକରଣ, ବୈଦ୍ୟୁତିକ ଏବଂ ଯନ୍ତ୍ରପାତି ସମେତ ବିଭିନ୍ନ କ୍ଷେତ୍ରର ସାମଗ୍ରୀକୁ ପ୍ରଭାବିତ କରିପାରେ। ବିଶେଷଜ୍ଞମାନେ କହିଛନ୍ତି ଯେ ଏହି କ୍ଷେତ୍ରଗୁଡ଼ିକରେ ଅଧିକ ଶୁଳ୍କ ପାର୍ଥକ୍ୟ ଯୋଗୁ ଆମେରିକୀୟ ପ୍ରଶାସନ ପକ୍ଷରୁ ଅତିରିକ୍ତ ସୀମା ଶୁଳ୍କର ସମ୍ମୁଖୀନ ହୋଇପାରେ। 'ଉଚ୍ଚ ଶୁଳ୍କ ଭିନ୍ନତା' ହେଉଛି କୌଣସି ଉତ୍ପାଦ ଉପରେ ଆମେରିକା ଏବଂ ଭାରତ ଦ୍ୱାରା ଲାଗୁ କରାଯାଇଥିବା ଆମଦାନୀ ଶୁଳ୍କ ମଧ୍ୟରେ ପାର୍ଥକ୍ୟ। ଏକ ବ୍ୟାପକ କ୍ଷେତ୍ର ସ୍ତରରେ, ଭାରତ ଏବଂ ଆମେରିକା ମଧ୍ୟରେ ସମ୍ଭାବ୍ୟ ଶୁଳ୍କ ପାର୍ଥକ୍ୟ ବିଭିନ୍ନ କ୍ଷେତ୍ରରେ ଭିନ୍ନ ଭିନ୍ନ।

ରାସାୟନିକ ପଦାର୍ଥ ଏବଂ ଔଷଧ ଉପରେ ଏହି ପାର୍ଥକ୍ୟ ୮.୬ ପ୍ରତିଶତ; ପ୍ଲାଷ୍ଟିକ ଉପରେ ୫.୬ ପ୍ରତିଶତ; କପଡ଼ା ଏବଂ ପୋଷାକ ଉପରେ ୧.୪ ପ୍ରତିଶତ; ହୀରା, ସୁନା ଏବଂ ଅଳଙ୍କାର ଉପରେ ୧୩.୩ ପ୍ରତିଶତ; ଲୁହା, ଇସ୍ପାତ ଏବଂ ମୂଳ ଧାତୁ ଉପରେ ୨.୫ ପ୍ରତିଶତ; ଯନ୍ତ୍ରପାତି ଏବଂ କମ୍ପ୍ୟୁଟର ଉପରେ ୫.୩ ପ୍ରତିଶତ; ଏହା ଇଲେକ୍ଟ୍ରୋନିକ୍ସ ଉପରେ ୭.୨ ପ୍ରତିଶତ ଏବଂ ଯାନବାହାନ ଏବଂ ଏହାର ଯନ୍ତ୍ରାଂଶ ଉପରେ ୨୩.୧ ପ୍ରତିଶତ।

ଦେଶର ଜଣେ ବିଶିଷ୍ଟ ରପ୍ତାନିକାରୀ କହିଛନ୍ତି ଯେ, 'ଡ୍ୟୁଟି ପାର୍ଥକ୍ୟ ଯେତେ ଅଧିକ ହେବ, ଏହି କ୍ଷେତ୍ର ସେତେ ଅଧିକ ପ୍ରଭାବିତ ହେବ।' ଅର୍ଥନୈତିକ ଗବେଷଣା ପ୍ରତିଷ୍ଠାନ ଗ୍ଲୋବାଲ୍ ଟ୍ରେଡ୍ ରିସର୍ଚ୍ଚ ଇନିସିଏଟିଭ୍ (ଜି,ଟି,ଆର୍,ଆଇ,)ର ଏକ ବିଶ୍ଳେଷଣ ଅନୁଯାୟୀ, କୃଷି କ୍ଷେତ୍ରରେ ସବୁଠାରୁ ଅଧିକ ପ୍ରଭାବିତ କ୍ଷେତ୍ର ହେବ ମାଛ, ମାଂସ ଏବଂ ପ୍ରକ୍ରିୟାକୃତ ସାମୁଦ୍ରିକ ଖାଦ୍ୟ। ୨୦୨୪ ମସିହାରେ ଏହାର ରପ୍ତାନି ୨.୫୮ ବିଲିୟନ ଆମେରିକୀୟ ଡଲାର ଥିଲା ଏବଂ ଏହା ୨୭.୮୩ ପ୍ରତିଶତ ଶୁଳ୍କ ପାର୍ଥକ୍ୟ ସମ୍ମୁଖୀନ ହେବ। ଆମେରିକାର ଏକ ପ୍ରମୁଖ ରପ୍ତାନି ଚିଙ୍ଗୁଡ଼ି, ଆମେରିକାର ଶୁଳ୍କ ଲାଗୁ ହେବା ଯୋଗୁଁ ଯଥେଷ୍ଟ କମ୍ ପ୍ରତିଯୋଗିତାମୂଳକ ହୋଇଯିବ।

କୋଲକାତାସ୍ଥିତ ସାମୁଦ୍ରିକ ଖାଦ୍ୟ ରପ୍ତାନିକାରୀ ମେଗା ମୋଡାର ପରିଚାଳନା ନିର୍ଦ୍ଦେଶକ ଯୋଗେଶ ଗୁପ୍ତା କହିଛନ୍ତି, 'ଆମେରିକାକୁ ଆମର ରପ୍ତାନି ପୂର୍ବରୁ ଆଣ୍ଟି-ଡମ୍ପିଂ ଏବଂ କାଉଣ୍ଟରଭେଲିଂ ଡ୍ୟୁଟି ଅଧୀନରେ ଅଛି। ଚାର୍ଜରେ ଅତିରିକ୍ତ ବୃଦ୍ଧି ଆମକୁ ଅପ୍ରତିଦ୍ୱନ୍ଦ୍ୱୀ କରିବ। ଆମେ ଭାରତର ମୋଟ ଚିଙ୍ଗୁଡ଼ି ରପ୍ତାନିର ୪୦ ପ୍ରତିଶତ ଆମେରିକାକୁ ରପ୍ତାନୀ କରୁ।' ସେ କହିଛନ୍ତି ଯେ ଯଦି ଆମେରିକା ପ୍ରତିଯୋଗିତାକାରୀ ଦେଶ ଇକ୍ୱେଡର ଏବଂ ଇଣ୍ଡୋନେସିଆ ଉପରେ ସମାନ ଶୁଳ୍କ ଲାଗୁ କରେ, ତେବେ ଭାରତୀୟ ରପ୍ତାନିକାରୀମାନଙ୍କୁ କିଛି ଆଶ୍ୱସ୍ତି ମିଳିପାରେ। ଭାରତର ପ୍ରକ୍ରିୟାକୃତ ଖାଦ୍ୟ, ଚିନି ଏବଂ କୋକୋ ରପ୍ତାନି ମଧ୍ୟ ପ୍ରଭାବିତ ହୋଇପାରେ କାରଣ ଶୁଳ୍କ ପାର୍ଥକ୍ୟ ୨୪.୯୯ ପ୍ରତିଶତ। ଗତ ବର୍ଷ ଏହାର ରପ୍ତାନି ୧.୦୩ ବିଲିୟନ ଆମେରିକୀୟ ଡଲାର ଥିଲା। ସେହିପରି, ଶସ୍ୟ, ପନିପରିବା, ଫଳ ଏବଂ ମସଲା (୧.୯୧ ବିଲିୟନ ଆମେରିକୀୟ ଡଲାର ରପ୍ତାନି) ମଧ୍ୟରେ ଶୁଳ୍କ ପାର୍ଥକ୍ୟ ୫.୭୨ ପ୍ରତିଶତ। ଜି,ଟି,ଆଇ,ଆର,ର ପ୍ରତିଷ୍ଠାତା ଅଜୟ ଶ୍ରୀବାସ୍ତବ କହିଛନ୍ତି ଯେ ୩୮.୨୩ ପ୍ରତିଶତ ପାର୍ଥକ୍ୟ ୧୮୧.୪୯ ନିୟୁତ ଆମେରିକୀୟ ଡଲାର ମୂଲ୍ୟର ଦୁଗ୍ଧଜାତ ଦ୍ରବ୍ୟର ରପ୍ତାନି ଉପରେ 'ଗମ୍ଭୀର' ପ୍ରଭାବ ପକାଇପାରେ, ଯାହା ଘିଅ, ବଟର ଏବଂ କ୍ଷୀର ପାଉଡରକୁ ମହଙ୍ଗା କରିପାରେ ଏବଂ ଆମେରିକାରେ ସେମାନଙ୍କର ବଜାର ଅଂଶ ହ୍ରାସ କରିପାରେ।

ଶିଳ୍ପ ସାମଗ୍ରୀ ଉପରେ ଆମେରିକାର ଶୁଳ୍କ ଔଷଧ, ଅଳଙ୍କାର ଏବଂ ଇଲେକ୍ଟ୍ରୋନିକ୍ସ ସମେତ ଅନେକ କ୍ଷେତ୍ରକୁ ପ୍ରଭାବିତ କରିପାରେ। ଭାରତର ସର୍ବବୃହତ ଶିଳ୍ପ ରପ୍ତାନିକାରୀ, ଔଷଧ କ୍ଷେତ୍ର, ଯାହାର ମୂଲ୍ୟ ୨୦୨୪ ମସିହାରେ ୮୪.୭୨ ବିଲିୟନ ଆମେରିକୀୟ ଡଲାର, ୧୦.୯୦ ପ୍ରତିଶତ ଶୁଳ୍କ ପାର୍ଥକ୍ୟ ସମ୍ମୁଖୀନ ହେବ। ଏହା ଜେନେରିକ ଔଷଧ ଏବଂ ସ୍ୱତନ୍ତ୍ର ଔଷଧର ମୂଲ୍ୟ ବୃଦ୍ଧି କରିବ। ୧୧.୮୮ ବିଲିୟନ ଆମେରିକୀୟ ଡଲାର ମୂଲ୍ୟର ହୀରା, ସୁନା ଏବଂ ରୂପା ରପ୍ତାନି ଉପରେ ୧୩.୩୨ ପ୍ରତିଶତ ଶୁଳ୍କ ବୃଦ୍ଧି ହୋଇପାରେ, ଯାହା ଅଳଙ୍କାର ମୂଲ୍ୟ ବୃଦ୍ଧି କରିବ ଏବଂ ପ୍ରତିଯୋଗିତା ହ୍ରାସ କରିବ। ସେହିପରି, ୧୪.୩୯ ବିଲିୟନ ଆମେରିକୀୟ ଡଲାର ମୂଲ୍ୟର ବୈଦ୍ୟୁତିକ, ଟେଲିକମ୍ ଏବଂ ଇଲେକ୍ଟ୍ରୋନିକ୍ ରପ୍ତାନି ଉପରେ ୭.୨୪ ପ୍ରତିଶତ ଶୁଳ୍କ ଲାଗୁ ହୋଇଛି। ଜି,ଟି,ଆର୍,ଆଇ, ଅନୁଯାୟୀ, ଯନ୍ତ୍ରପାତି, ବଏଲର, ଟରବାଇନ୍ ଏବଂ କମ୍ପ୍ୟୁଟର (୭.୧୦ ବିଲିୟନ ଆମେରିକୀୟ ଡଲାର ରପ୍ତାନି ମୂଲ୍ୟ ସହିତ) ଉପରେ ୫.୨୯ ପ୍ରତିଶତ ଶୁଳ୍କ ବୃଦ୍ଧି ହୋଇପାରେ, ଯାହା ଭାରତର ଇଞ୍ଜିନିୟରିଂ ରପ୍ତାନିକୁ ପ୍ରଭାବିତ କରିବ। ଟାୟାର ଏବଂ ବେଲ୍ଟ (୧.୦୬ ବିଲିୟନ ଆମେରିକୀୟ ଡଲାର ମୂଲ୍ୟ) ସମେତ ରବର ଉତ୍ପାଦଗୁଡ଼ିକ ଉପରେ ୭.୭୬ ପ୍ରତିଶତ ଶୁଳ୍କ ଲାଗିପାରେ, ଯେତେବେଳେ କାଗଜ ଏବଂ କାଠ ଉତ୍ପାଦଗୁଡ଼ିକ (୯୬୯.୬୫ ନିୟୁତ ଆମେରିକୀୟ ଡଲାର ମୂଲ୍ୟ) ଉପରେ ୭.୮୭ ପ୍ରତିଶତ ଶୁଳ୍କ ଲାଗିପାରେ।

ଉଲ୍ଲେଖନୀୟ ଯେ ଡୋନାଲ୍ଡ ଟ୍ରମ୍ପଙ୍କ ନୂତନ ଟାରିଫ୍ ନୀତି ଭାରତୀୟ ସେୟାର ବଜାରକୁ ପ୍ରଭାବିତ କରିପାରେ। କେଉଁ କ୍ଷେତ୍ରଗୁଡ଼ିକ ପ୍ରଭାବିତ ହେବେ ଏବଂ ନିବେଶକମାନଙ୍କୁ କେଉଁ ଷ୍ଟକ୍ ବିଷୟରେ ସତର୍କ ରହିବାକୁ ପଡିବ ?

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନୂତନ ଶୁଳ୍କ ଯୋଜନା ବିଶ୍ୱ ବଜାରରେ ହଇଚଇ ସୃଷ୍ଟି କରିଛି। ବିଶେଷଜ୍ଞଙ୍କ ମତରେ, ଏହି ପଦକ୍ଷେପ ଭାରତୀୟ ରପ୍ତାନିକୁ ଏକ ବଡ଼ ଧକ୍କା ଦେଇପାରେ। ଏମକେ ଗ୍ଲୋବାଲର ଏକ ରିପୋର୍ଟ ଅନୁଯାୟୀ, ଯଦି ୧୦% ଶୁଳ୍କ ଲାଗୁ କରାଯାଏ, ତେବେ ଭାରତ ୬ ବିଲିୟନ ଡଲାର (ଜି,ଡି,ପି,ର ୦.୧୬%) ହରାଇପାରେ, ଏବଂ ଯଦି ଏହା ୨୫% କୁ ବୃଦ୍ଧି ପାଏ, ତେବେ ଏହି ସଂଖ୍ୟା ୩୧ ବିଲିୟନ ଡଲାରରେ ପହଞ୍ଚିପାରେ। ସୂଚନାଯୋଗ୍ୟ ଯେ ଟ୍ରମ୍ପ ଭାରତ ଉପରେ ୨୬ ପ୍ରତିଶତ ଶୁଳ୍କ ଲଗାଇଛନ୍ତି।

ଭାରତରୁ ଆମେରିକାକୁ ରପ୍ତାନି ହେଉଥିବା ସର୍ବାଧିକ ଉତ୍ପାଦ ମଧ୍ୟରେ ଇଲେକ୍ଟ୍ରୋନିକ୍ସ ହେଉଛି, ଯାହାର ମୋଟ ମୂଲ୍ୟ ୧୧.୧ ବିଲିୟନ। ଏହି ରପ୍ତାନିର ୫୦% ରୁ ଅଧିକ ଆଇଫୋନ୍, ଯାହାକୁ ଭାରତରେ ଏକତ୍ରିତ କରାଯାଇ ଆମେରିକା ପଠାଯାଏ। ଯଦି ଆମେରିକା ଭାରତୀୟ ଇଲେକ୍ଟ୍ରୋନିକ୍ସ ଉପରେ ଶୁଳ୍କ ବୃଦ୍ଧି କରେ, ତେବେ ଏହା ଆପଲର ଯୋଗାଣ ଶୃଙ୍ଖଳାକୁ କ୍ଷତି ପହଞ୍ଚାଇପାରେ।

## ଡ.ଗୋବିନ୍ଦ ଚନ୍ଦ୍ର ଉଦ୍‌ଗାତା

***ଡ଼.ଅରୁନ୍ଧତୀ ଦେବୀ***

ଆମ ରାଜ୍ୟର ବିଶିଷ୍ଟ ସଂପାଦକ, ଶିକ୍ଷାବିତ୍ ଓ ସାହିତ୍ୟିକଙ୍କ ମଧ୍ୟରେ ଡ.ଗୋବିନ୍ଦ ଚନ୍ଦ୍ର ଉଦ୍‌ଗାତା ଅନ୍ୟତମ। ତାଙ୍କ ସଂପାଦକ ଜୀବନ ଶୈଶବରେ ଆରମ୍ଭ ହୋଇଥିଲା। ସପ୍ତମ ଶ୍ରେଣୀରେ ପଢୁଥିବା ବେଳେ ସେ ମଞ୍ଜରୀ ନାମକ ହାତଲେଖା ପତ୍ରିକା ସଂପାଦନ କରୁଥିଲେ। ପରବର୍ତ୍ତୀ କାଳରେ ସେ ଚତୁରଙ୍ଗ, ଦ ରାଭେନ୍‌ସାଭିଆନ୍, ଶାଶ୍ୱତୀ, ସପ୍ତର୍ଷି ଓ ହୀରାଖଣ୍ଡ ଆଦିର ସଂପାଦନା କରିଥିବା ଜଣାଯାଏ। ତାଙ୍କ ସଂପର୍କରେ ଏକ ଉଲ୍ଲେଖନୀୟ କଥା ହେଉଛି, ସେ ବିଧିବଦ୍ଧ ଭାବେ ମହାବିଦ୍ୟାଳୟରେ ନ ପଢ଼ି ଘରୋଇ ଭାବେ ସ୍ନାତକ ଉତ୍ତୀର୍ଣ୍ଣ ହୋଇଥିଲେ ଏବଂ ତାହା ପରେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ଓଡ଼ିଆ ଭାଷା ସାହିତ୍ୟରେ ସ୍ନାତକୋତ୍ତର ଶ୍ରେଣୀରେ ପ୍ରଥମ ସ୍ଥାନ ଅଧିକାର କରି ସୁବର୍ଣ୍ଣ ପଦକ ପାଇଥିଲେ। ଏଭଳି ଗୌରବ କ୍ୱଚିତ କେହି ହାସଲ କରିଥିବେ। ସେ ନାଗପୁର ବିଶ୍ୱବିଦ୍ୟାଳୟରୁ ସଂସ୍କୃତରେ ମଧ୍ୟ ସ୍ନାତକୋତ୍ତର ଡିଗ୍ରୀ ଲାଭ କରିଥିଲେ। ପାରିବାରିକ ଆର୍ଥିକ ଦୁରବସ୍ଥା ଯୋଗୁଁ ସେ ବିଧିବଦ୍ଧ ମହାବିଦ୍ୟାଳୟ ଶିକ୍ଷାରୁ ବଞ୍ଚିତ ହୋଇଥିବା ଜଣାଯାଏ।

ବିଦ୍ୟାଳୟ ଶିକ୍ଷକ ଭାବେ ଡ.ଉଦ୍‌ଗାତାଙ୍କ କର୍ମମୟ ଜୀବନ ଆରମ୍ଭ ହୋଇଥିଲା। ଉଚ୍ଚ ଶିକ୍ଷା ପରେ ସେ ମହାବିଦ୍ୟାଳୟ ଅଧାପକ ହୋଇଥିଲେ। ସାହିତ୍ୟିକ ଜୀବନରେ ସେ ଏକାଧାରରେ କବି, ପ୍ରାବନ୍ଧିକ, ଅନୁବାଦକ ଓ ନାଟ୍ୟକାର। ଅଳଙ୍କାର ପ୍ରସଙ୍ଗ ପାଇଁ ସେ ଓଡ଼ିଆ ସାହିତ୍ୟ ଏକାଡ଼େମୀ ପୁରସ୍କାର ଏବଂ କାବ୍ୟଶିଳ୍ପୀ ଗଙ୍ଗାଧର ପୁସ୍ତକ ପାଇଁ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାର ଲାଭ କରିଥିଲେ। ରମାକାନ୍ତ ରଥଙ୍କ ପ୍ରସିଦ୍ଧ କାବ୍ୟ ଶ୍ରୀରାଧାର ସେ ସଂସ୍କୃତ ଅନୁବାଦ କରିଥିଲେ। ଏହା ଥିଲା, ତାଙ୍କର ଶେଷ କୃତି। ଓଡ଼ିଶା ସାହିତ୍ୟ ଏକାଡ଼େମୀ ପ୍ରକାଶିତ ଓଡ଼ିଆ ଲେଖକ ପରିଚୟ ପୁସ୍ତକ ଅନୁଯାୟୀ ୧୯୨୦ ମାର୍ଚ୍ଚ ଆଜିର ଦିନରେ ବଲାଙ୍ଗୀରର ଟିକରପଡ଼ାରେ ଜନ୍ମ ହୋଇଥିଲେ ଡ.ଉଦ୍‌ଗାତା।

ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତୀୟ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ, ୯୯୩୭୧୭୨୮୧୦

## 'ବିଜନ ପଲ୍ଲି'ର କବି

***କବି ବାଦଲ ଭୂୟାଁ***

ଅଷ୍ଟାଦଶ ଶତାବ୍ଦୀର ବିଶିଷ୍ଟ ଇଂରେଜୀ ଲେଖକଙ୍କ ମଧ୍ୟରେ ଅଲିଭର୍ ଗୋଲ୍‌ଡ଼ସ୍ମିଥ୍ ଅନ୍ୟତମ। ସେ ଥିଲେ ଏକାଧାରରେ କବି, ଔପନ୍ୟାସିକ, ନାଟ୍ୟକାର, ଐତିହାସିକ, ସ୍ତମ୍ଭକାର ଓ ସାମ୍ବାଦିକ। ତାଙ୍କ ଜାତୀୟତା ଥିଲା ଆଇରିସ୍। ଡବ୍‌ଲିନ୍‌ର ଟ୍ରିନ୍‌ଟି କଲେଜରେ ପଢ଼ିବା ପରେ ସେ ଭେଷଜ ବିଜ୍ଞାନ ପଢ଼ିବା ନିମନ୍ତେ ଏଡ଼ିନ୍‌ବରା ବିଶ୍ୱବିଦ୍ୟାଳୟରେ ଭର୍ତ୍ତି ହୋଇଥିଲେ। ହେଲେ ପାଠ୍ୟକ୍ରମ ଶେଷ କରିପାରି ନଥିଲେ। ଡାକ୍ତରୀ ଉତ୍ତୀର୍ଣ୍ଣ ନ ହୋଇ ମଧ୍ୟ ସେ ନିଜକୁ ଡାକ୍ତର କହୁଥିଲେ ଏବଂ ଅବୈଧ ଭାବେ ରୋଗୀଙ୍କ ଚିକିତ୍ସା କରି ଏକାଧିକବାର ନିନ୍ଦିତ ହୋଇଥିଲେ। ତାଙ୍କର ସର୍ବଶ୍ରେଷ୍ଠ କୃତି ମଧ୍ୟରେ 'ଦ ଭାଇକାର୍ ଅଫ୍ ୱେକ୍‌ଫିଲଡ଼', 'ସି ଷ୍ଟୁପସ୍ ଟୁ କଙ୍କର', ସିଟିଜେନ୍ ଅଫ୍ ଦ ୱାର୍ଲଡ଼' ଓ 'ଡେଜର୍ଟେଡ଼୍ ଭିଲେଜ୍' (ଚନ୍ଦ୍ରମଣି ଦାଶଙ୍କ ଦ୍ୱାରା ଓଡ଼ିଆରେ 'ବିଜନ୍ ପଲ୍ଲି' ଭାବେ ଅନୁଦିତ) ଅନ୍ୟତମ। ଗୋଲ୍‌ଡ଼ସ୍ମିଥ୍ ଆଜୀବନ ଅବିବାହିତ ଥିଲେ। ସେ ଥିଲେ ପୃଥୁଳ ଓ ଖର୍ବକାୟ। ଶୈଶବରେ ବସନ୍ତ ପୀଡ଼ିତ ହୋଇ ତାଙ୍କ ମୁଖମଣ୍ଡଳ ବିକୃତ ହୋଇଯାଇଥିଲା। ନିଜର କୁରୂପକୁ ଲୁଚାଇବା ପାଇଁ ସେ ସର୍ବଦା ମୂଲ୍ୟବାନ ପୋଷାକରେ ସଜ୍ଜିତ ହେବାକୁ ଭଲପାଉଥିଲେ। ସେ ଜୁଆରୀ ଓ ମଦ୍ୟପ ଥିଲେ ତେଣୁ ଯଥେଷ୍ଟ ରୋଜଗାର କରୁଥିଲେ ହେଁ ତାଙ୍କୁ ଅଣ୍ଟୁ ନଥିଲା। ପୁଣି ସେ ଥିଲେ ମହାଦାନୀ। 'ସି ଷ୍ଟୁପ୍‌ସ ଟୁ କଙ୍କର' ତାଙ୍କ ବ୍ୟକ୍ତିଗତ ଜୀବନର ଏକ ସତ୍ୟ ଘଟନା ଉପରେ ଆଧାରିତ। ଥରେ ଭ୍ରମଣ କରୁଥିବା ବେଳେ ଭୁଲବଶତଃ ଜଣେ ସଂଭ୍ରାନ୍ତଙ୍କ ପ୍ରାସାଦକୁ ସରାଇ ଭାବି ରାତ୍ରିଯାପନ କରିଥିଲେ। ସଂଭ୍ରାନ୍ତଙ୍କ ପରିବାରର ସଦସ୍ୟମାନେ ମଜା କରିବା ପାଇଁ ତାଭ୍‌କ ସହ ବେଶ ଅଭିନୟ କରିଥିଲେ। ସକାଳୁ ବିଲ୍ ପୈଠ କରିବା ବେଳେ ଗୋଲଡ଼ସ୍ମିଥ୍ ସତ୍ୟ ଜାଣି ଲଜ୍ଜିତ ହୋଇଥିଲେ। ଡକ୍ଟର ଜନ୍‌ସନ୍‌ଙ୍କ ଭାଷାରେ ସେ ଥିଲେ, କୌଣସି ରଚନା ଶୈଳୀକୁ ଛାଡ଼ି ନଥିବା ଏବଂ ଯାହା ଆଦରଣୀୟ ନୁହେଁ, ତାହାକୁ କେବେ ଛୁଇଁ ନଥିବା ମହାନ୍ ଲେଖକ'। ମାତ୍ର ପଞ୍ଚଚାଳିଶ ବର୍ଷ ବୟସରେ ରୋଗାକ୍ରାନ୍ତ ହୋଇ, ନିଜେ ନିଜର ଚିକିତ୍ସା ଜାରି ରଖି ୧୭୭୪ ଏପ୍ରିଲ ଆଜିର ଦିନରେ ତାଙ୍କର ଦେହାନ୍ତ ହୋଇଥିଲା।

*ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ', ୪ଜି ପ୍ରତାପ ଆପାର୍ଟମେଣ୍ଟ, ୭ ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ, ଜାମସେଦପୁର, ଦୂରଭାଷ : ୭୪୮୮୯୯୮୫୩୨*

# ମା' ଧାକୁଲେଇଙ୍କ ବାଣ ଫୁଟା ଯାତ୍ରା

**ସୁକଦେବ ସାମନ୍ତରାୟ**



ପୁରାଣରୁ ଜଣାଯାଏ ଏକଦା ଅନ୍ଧକାସୁର ସହିତ ଶିବଙ୍କର ହଜାର ହଜାର ବର୍ଷ ଧରି ଯୁଦ୍ଧ ହେଲା ଶେଷରେ ଭଗବାନ ଶଙ୍କର ନିଜ ଶରୀରରୁ ଦେଦିପ୍ୟମାନ ଅଗ୍ନିଶିଖା ନିର୍ଗତ କରାଇଲେ। ସେହି ତେଜଦୀପ୍ତ ଅଗ୍ନିଶିଖାରୁ ଦେବୀ ଅଶ'କ୍ଷ ଆବିର୍ଭୂତା ହେଲେ ବିକଟ ସ୍ୱରୂପା, ଅସ୍ଥିକଙ୍କାଳ ବିଶିଷ୍ଟ ରୁକ୍ଷରୂପା, ରଣଚଣ୍ଡୀ ରୂପକୁ ଦୁର୍ଗାଙ୍କର ଅନ୍ୟ ରୂପ ବୋଲି ଗ୍ରହଣ କରାଯାଇଛି ଏହା ହିଁ ଯୋଗିନୀ ଚାମୁଣ୍ଡା ରୂପ। ଚାମୁଣ୍ଡା କେଉଁଠି ସପ୍ତମାତୃକା କେଉଁଠି ଚଉଷଠି ଯୋଗନୀ। ବସନ୍ତ ସମୟେ ପ୍ରଭୁ ଲିଙ୍ଗରାଜ ମହାଦେବଙ୍କର ରକୁଣା ଦେବୀଙ୍କର ରଥଯାତ୍ରା ପ୍ରଭୁ ରାମଚନ୍ଦ୍ରଙ୍କର ରାମେଶ୍ୱର ମହାଦେବ ଯାତ୍ରା, ତା'ଣ ପରଦିନ ରାମନବମୀ ଓ ବାସନ୍ତୀୟ ଦଶହରା ମହାସମାରୋହରେ ପାଳନ କରାଯାଏ। ଯେପରିକି ଶାରଦୀୟ ଦୁର୍ଗାପୂଜା ପରେ ମା' କାଳୀଙ୍କ ପୂଜା ପଡ଼ିଥାଏ। ଠିକ୍ ସେହିପରି ପ୍ରତିବର୍ଷ ବସନ୍ତ ସମୟେ ବାସନ୍ତୀକ ପାର୍ବତୀ ଦଶହରା ପରେ ଚୈତ୍ର ପୂର୍ଣ୍ଣିମାଦିନ ମା' ଧାକୁଲେଇ କାଳୀପୂଜା ମହାସମାରୋହରେ ପାଳିତ କରାଯାଏ। ପୀଠସ୍ଥଳୀ କୂଆଖାଇ ନଦୀତଟ ପ୍ରତାପନଗରୀ ଗ୍ରାମର ଆରାଧଦେବୀ ଚୈତ୍ର ପୂର୍ଣ୍ଣିମାରୁ ୭ଦିନ ଓ ରାତି ପ୍ରତିଦିନ ଓ ରାତି ପୂଜା କରିବା ପାଇଁ ଓଡ଼ିଶାର ପୁରପଲ୍ଲୀର ଲକ୍ଷଲକ୍ଷ ଭକ୍ତ ଆସିଥାଆନ୍ତି। ଦେବୀଦୁର୍ଗା, ଲକ୍ଷ୍ମୀ ଓ ସରସ୍ୱତୀଙ୍କୁ ଉତ୍ସର୍ଗୀକୃତ ଚୈତ୍ର ନବରାତ୍ର ବା ବାସନ୍ତୀକ ନବରାତ୍ରୀ ହିନ୍ଦୁମାନଙ୍କର ଅନ୍ୟତମ ପର୍ବ ଭାବେ ପରିଚିତ। ଏହି ନବରାତ୍ରରେ ଶକ୍ତିଙ୍କୁ ନଅରୂପରେ ଆରାଧନା କରାଯାଇଥାଏ। ପ୍ରଥମ ଦିନ ବରଦ ବିନାୟକ ଚତୁର୍ଥୀ। ପଞ୍ଚମ ଦିନ ଶ୍ରୀଲକ୍ଷ୍ମୀ ପଞ୍ଚମୀ ବ୍ରତ ବା ନାଗବ୍ରତ, ଷଷ୍ଠଦିନ ସ୍କନ୍ଦ ଷଷ୍ଠୀ ବା ଯବୁନା ଜୟନ୍ତୀ, ସପ୍ତମ ଦିନ ମହାସପ୍ତମୀ ବ୍ରତ, ଅଷ୍ଟମ ଦିନ ଶ୍ରୀ ଦୁର୍ଗା ମହାଷ୍ଟମୀ ବା ଅନ୍ନପୂର୍ଣ୍ଣା ଅଷ୍ଟମୀ ଏବଂ ନବମ ଦିନ ନବରାତ୍ରୀ ଦିବସ ଭାବେ ପାଳନ କରାଯାଏ। ଶାରଦୀୟ ଦୁର୍ଗାପୂଜା ସମୟରେ ପାଳିତ ହୋଇଥିବା ରୀତିନୀତି ଏହି ସମୟରେ ମଧ୍ୟ ଦେଖିବାକୁ ମିଳିଥାଏ। ଦଶମହାବିଦ୍ୟା ମଧ୍ୟରେ ମହାକାଳୀଙ୍କୁ ଉପାସନା କଲେ ମଣିଷର ଦୁଃଖ କଷ୍ଟ, ଭୟ ବିନାଶ ହୋଇ ମଣିଷ ପରମ ସୁଖଶାନ୍ତି ଲଭା କରିଥାଏ, ମର୍ତ୍ତ୍ୟରେ ଯେତେବେଳେ ସ୍ଥାନେସ୍ଥାନେ ଅରାଜକତା ହିଂସା ଆଦି ସୃଷ୍ଟି ହୁଏ। ସେତେବେଳେ ମା' ପ୍ରତ୍ୟକ୍ଷ ଭାବରେ ଆବିର୍ଭୁର୍ତ୍ତା ହୋଇ ଦୁଷ୍ଟମାନଙ୍କୁ ବିନାଶ କରନ୍ତି ଏବଂ ସାଧୁ ସନ୍ଥମାନଙ୍କୁ ରକ୍ଷା କରିଥାଆନ୍ତି। ଦିବ୍ୟ ଚେତନା ପ୍ରାପ୍ତି ନିମନ୍ତେ ଶକ୍ତି ଉପାସନା ହେଉଛି। ଦେବୀଙ୍କ ସହିତ ଦୁର୍ଗାଙ୍କର ସଂଯୋଗରୁ ହିଁ ଯୋଗିନୀ ସ୍ୱରୂପା ଦେବୀଙ୍କର ଉତ୍ପତ୍ତି। ମହିଷାସୁରଙ୍କୁ ବଦ୍ଧ ପରେ ଦେବୀ ଘୋର ଚାମୁଣ୍ଡା ବା ମହାକାଳୀ ରୂପ ଧାରଣ କରିଥିଲେ। ଦେବଗଣ ଭୟଙ୍କର ରୂପ ଦେଖି ଭୟଭୀତ ହୋଇ ଉଠିଲେ ଓ ଅନ୍ୟତ୍ର ଯାଇ ଲୁଚିଲେ। କେବଳ ମହାଦେବ ଦେବୀଙ୍କୁ ଶାନ୍ତ କରିବା ନିମନ୍ତେ ଦେବୀଙ୍କ ସମ୍ମୁଖରେ ତାଣ୍ଡବନୃତ୍ୟ ପ୍ରଦର୍ଶନ କଲେ। ସେହିଦିନଠାରୁ ଦେବୀଙ୍କର ବିକଟ ସ୍ୱରୂପା, ଅସ୍ଥିକଙ୍କାଳ ବିଷିଟ ରୁକ୍ଷରୂପା, ରଣଚଣ୍ଡୀ ରୂପକୁ ଦୁର୍ଗାଙ୍କର ଅନ୍ୟ ରୂପ ବୋଲି ଗ୍ରହଣ କରାଯାଇଛି। ମର୍ତ୍ତ୍ୟରେ ଅନାବୃଷ୍ଟି ଓ ଦୁର୍ଭିକ୍ଷ ଦେଖାଗଲା। ଏଣୁ ଅସହାୟ ଋଷି ଏବଂ ଦେବତାଗଣ ଚଣ୍ଡୀଙ୍କର ଶରଣ ନେଲେ। ଦେବୀ ନାନାବିଧ ଶସ୍ୟ ସୃଷ୍ଟି କରି ଦୁର୍ଭିକ୍ଷ ଦୂର କଲେ। ଏଣୁ ଦେବୀଙ୍କ ନାମ ହେଲା ଶାକମ୍ଭରୀ। ହିରଣ୍ୟକଶିପ ପୁତ୍ର ବିଷ୍ଣୁ ଭକ୍ତ ପ୍ରହ୍ଲାଦ ଦୈତ୍ୟରାଜ ହୋଇ ଦାନବମାନଙ୍କୁ ଶାସନ କରିବାକୁ ଅନିଚ୍ଛୁକ ହେଲେ। ହିରଣ୍ୟ ଭାଇ ଅନ୍ଧକାସୁର ରାଜା ହେଲେ। ତ୍ରିପୁର ବିଜୟୀ ହେବା ଆଶାରେ ଅନ୍ଧକାସୁର ଘୋର ତପସ୍ୟା କରି ବ୍ରହ୍ମାଙ୍କୁ ସନ୍ତୁଷ୍ଟ କରିବି ବ୍ରହ୍ମାଙ୍କ ଠାରୁ ବର ପାଇ ବଳିଆନ ହୋଇ ବଳପୂର୍ବକ ମାତା ପାର୍ବତୀଙ୍କୁ ଅପହରଣ କରିନେଲେ। ସମସ୍ତେ ଦେବଗଣ ଏହାକୁ ସହ୍ୟ ନକରି ଅସୁରମାନଙ୍କ ସହିତ ଘମାଘୋଟ ଲଢେଇ ହେଲା। ମାୟାବୀ ଅନ୍ଧକାରସୁର ସମେତ ଅସୁରଗଣଙ୍କ ରକ୍ତ ଭୂମିରେ ସ୍ପର୍ଶ କରିବା ମାତ୍ରେ ସେଥିରୁ ଅନେକ ଅସୁର ଜନ୍ମ ନେଲେ। ଦେବତାମାନଙ୍କର ଭାଳେଣି ପଡିଲା। ଠିକ୍ ଏହି ସମୟରେ ଦେବର୍ଷି ନାରଦ ଦେବତାମାନଙ୍କୁ ଉପାୟ ବତାଇ ଦେଲେ। ଯଦି ଦେବଦେବ ମହାଦେବ ତାଙ୍କ ତୃତୀୟ ନୟନରୁ ଦେବୀ ଶକ୍ତି ସୃଷ୍ଟି କରିବେ ତେବେ ଅସୁରର ନିଧନ ହେବ। ମହାଦେବ ଦେବଗଣଙ୍କ ଅନୁରୋଧରେ ତାଙ୍କ ସୁଖମଣ୍ଡଳ ତୃତୀୟ ନୟନରୁ ଅଗ୍ନି ନିର୍ଗତ ହୋଇ ସାରା ସୃଷ୍ଟି ବାଣ ଶବ୍ଦରେ ଆକାଶମାର୍ଗ କମ୍ପିତ ହେଲା। ସେହି ବାଣ ଶବ୍ଦରୁ ଲକ୍ଷଲକ୍ଷ ଦେବୀ ସୃଷ୍ଟି ହେଲେ। ବାଣ ଆଲୋକରୁ ହିଙ୍ଗୁଳା, ବାସେଳି, ନାରାୟଣୀ। ସେମାନେ ଥିଲେ ଛପନ କୋଟି ପିଶାଚୀ, ଚଉଷଠି ଯୋଗିନୀ। ଚଉଦକୋଟି ଡାକିନୀ, ଛପନ କୋଟି ଚାମୁଣ୍ଡୀ। ନବକୋଟି କାତ୍ୟାୟିନୀ। ସମସ୍ତ ଦେବୀଗଣ ଅନ୍ଧକାସୁରକୁ ଘେରିଗଲେ। ଘମାଘୋଟ ଲଢେଇ ହେଲା। ମହାଦେବଙ୍କ ଅସ୍ତ୍ରାଘାତରେ ଅନ୍ଧକାସୁର ଆହତ ହେଲା। ମାତ୍ର ମାୟାଜି ଅନ୍ଧକାସୁରର ରକ୍ତ ଭୂମି ସ୍ପର୍ଶ କରିବା ମାତ୍ରେ ସେଥିରୁ ଅନେକ ଅନ୍ଧକାସୁର ଜନ୍ମ ନେଲେ। ତେଣୁ ଦାନବର ରକ୍ତ ଭୂମି ସ୍ପର୍ଶ ନକରିବା ପାଇଁ ମହାଦେବ ତାଙ୍କ ମୁଖମଣ୍ଡଳରୁ ଅଗ୍ନି ନିର୍ଗତ କରାଇ ଲକ୍ଷଲକ୍ଷ ଦେବୀ ଶକ୍ତିଙ୍କୁ ସୃଷ୍ଟି କଲେ। ତାଙ୍କର ନାମ ଥିଲା ଧାକୁଲେଇ। ତା'ପରେ ଇନ୍ଦ୍ର ଓ ଅନ୍ୟ ଦେବତାମାନେ ମଧ୍ୟ ଅନୁରୂପ ମାତୃଶକ୍ତି ସୃଷ୍ଟି କଲେ। ଏହି ସପ୍ତ ମାତୃକାଗଣ ଅନ୍ଧକାସୁରର ରକ୍ତପାନ କରିବାରୁ ଅନ୍ଧକାସୁରର ରକ୍ତ ଭୂମି ସ୍ପର୍ଶ କରିପାରିଲା ନାହିଁ। ମା' ଧାକୁଲେଇ ଚାମୁଣ୍ଡା ଦେବୀ ଧାକୁଲେଇ ଦେବ ଯଜ୍ଞ ନିଆଁବାଣ ସଂଯୋଗ କରି ଅନ୍ଧକାସୁରକୁ ବାଣ ମାରିବାରୁ ଅନ୍ଧକାସୁରର ମୃତ୍ୟୁ ହେଲା। ଦେବୀମାନଙ୍କର ଜୟ ହେଲା ଓ ଅସୁରମାନଙ୍କର ପରାଜୟ। ଏହି ପ୍ରଥାକୁ ପ୍ରତିବର୍ଷ ଚୈତ୍ର ପୂର୍ଣ୍ଣିମା ରାତିରେ ବାଣ ରୋଷଣି କରି ଧାକୁଲେଇ ପୀଠରେ ମହାସମାରୋହରେ ପାଳନ ହୋଇ ଆସୁଛି।

**ଫୁଲନଖରା, କଟକ, ୯୨୩୭୦୧୧୬୪୯**

# ଓଁ ଏଂ ହ୍ରୀଂ କ୍ଲୀଂ ଚାମୁଣ୍ଡାୟେ ବିଚ୍ଚେ....

**ଗିରିଧାରୀ ସାମଲ**

ଓଡ଼ିଆ ଆଧାତ୍ମିକ ଚେତନା ଓ ଧର୍ମୀୟ ଲୋକବିଶ୍ୱାସରେ ପରିପୂର୍ଣ୍ଣ ହୋଇଛି ମା'ଙ୍କ ପୂଜା ଆରାଧନା। ବିଶେଷକରି ଚୈତ୍ର ମାସରେ ମା'ବାସନ୍ତୀକ ଦୁର୍ଗାପୂଜା କେବଳ ଓଡ଼ିଆ ଆଧାତ୍ମିକ ଚେତନା ନୁହେଁ ବରଂ ସମଗ୍ର ଭାରତରେ ଏହା ଅତ୍ୟନ୍ତ ଆଧାତ୍ମିକ ଭକ୍ତିପୂତ ପରିବେଶରେ ପାଳିତ ହୋଇଥାଏ। କେବଳ ମା'ଦୁର୍ଗାଙ୍କ ଆଶ୍ରିତ ନୁହଁନ୍ତି ଆଧାତ୍ମିକ ଶ୍ରଦ୍ଧାଳୁମାନେ ଭକ୍ତି, କାଷ୍ଠା ଓ ବିଶ୍ୱାସକୁ ନେଇ ମା'ଦୁର୍ଗାଙ୍କୁ ସମର୍ପଣ ଭିତ୍ତିକ ଚେତନା ନେଇ ପୂଜା କରିଥାନ୍ତି। ଗୋଟିଏ ବର୍ଷରେ ୫ଥର ନବରାତ୍ରୀ ଉତ୍ସବ ପାଳିତ ହୋଇଥାଏ। ଏହି ଉତ୍ସବରେ ଦେବୀ ଦୁର୍ଗାଙ୍କର ୯ଟି ଭିନ୍ନ ଭିନ୍ନ ସ୍ୱରୂପକୁ ପୂଜା କରାଯାଇଥାଏ। ଏହି ୫ଟି ନବରାତ୍ରୀ ହେଲେ - ବସନ୍ତ ନବରାତ୍ରୀ, ଆଷାଢ଼ ନବରାତ୍ରୀ, ଶରତ ନବରାତ୍ରୀ, ପୌଷ ନବରାତ୍ରୀ ଏବଂ ମାଘ ନବରାତ୍ରୀ। ଏହି ୫ଟି ନବରାତ୍ରୀ ମଧ୍ୟରୁ ଶରତ ନବରାତ୍ରୀ ବା ଶାରଦୀୟ ଦୁର୍ଗାପୂଜା ଏବଂ ବସନ୍ତ ନବରାତ୍ରୀ ବା ବାସନ୍ତିକ ଦୁର୍ଗାପୂଜା ବିଶେଷ ଭାବେ ପ୍ରସିଦ୍ଧ। ତେବେ ବସନ୍ତ ନବରାତ୍ରୀ ସାଧାରଣତଃ ମାର୍ଚ୍ଚ କିମ୍ବା ଏପ୍ରିଲ ମାସରେ ପାଳିତ ହୋଇଥାଏ। ଚୈତ୍ର ମାସ ଶୁକ୍ଳପକ୍ଷରେ ଆୟୋଜିତ ହେଉଥିବା ଏହି ନବରାତ୍ରୀକୁ ଚୈତ୍ର ନବରାତ୍ରୀ କୁହାଯାଏ। ଏହା ସାଧାରଣତଃ ଚୈତ୍ର ପ୍ରତିପଦା ଠାରୁ ଆରମ୍ଭ ହୋଇ ଦଶମୀ ଦିନ ଶେଷ ହୋଇଥାଏ। ଏହି ନବରାତ୍ରୀ ଅବସରରେ ହିନ୍ଦୁ ନବବର୍ଷ ମଧ୍ୟ ଆରମ୍ଭ ହୋଇଥାଏ।



ଓଡ଼ିଶାରେ ବାସନ୍ତୀକ ଦୁର୍ଗାପୂଜା ଅନେକ ସ୍ଥାନରେ ଅନୁଷ୍ଠିତ ହେଉଛି। ଯେଉଁ ମଣ୍ଡପରେ ବା ଆସ୍ଥାନରେ ଦେବୀ ଦୁର୍ଗାଙ୍କୁ ଆରାଧନା କରାଯାଇଥାଏ ସେହି ସ୍ଥାନରେ ବାସନ୍ତିକ ଦୁର୍ଗାପୂଜା କରାଯାଏ। କଟକର ମଙ୍ଗଳାବାଗ, କ ଲେ ଜ ଛ କ, ବଙ୍ଗାଳିସାହି, ପିଠାପୁର, ଝାଞ୍ଜିରୀମଙ୍ଗଳା ପରି ସ୍ଥାନରେ ଏହା ଆନନ୍ଦ ଉଲ୍ଲାସ ମଧ୍ୟରେ ଅନୁଷ୍ଠିତ ହେଉଛି। ସାହି ମୁରବୀ ଓ ମା'ଦୁର୍ଗାଙ୍କ ଆଶ୍ରିତମାନଙ୍କ ମିଳିତ ସହଯୋଗରେ ଏହା ଅନୁଷ୍ଠିତ ହେଉଛି। ପ୍ରାୟତଃ ମଙ୍ଗଳ ବାର ଠାରୁ ଚୈତ୍ର ନବରାତ୍ର ଆରମ୍ଭ ହୋଇଥାଏ। ବିଶ୍ୱାସ ରହିଛି ମା'ଦୁର୍ଗାଙ୍କ ପୂଜାଫଳ ବିଶେଷ ଭାବରେ ପ୍ରାପ୍ତି ହୋଇଥାଏ। ଜୀବନ ସାର୍ଥକ ନିମିତ୍ତ ଲୋକବିଶ୍ୱାସ ରହିଛି ନବରାତ୍ରୀ ଏଭଳି ଏକ ପରବ ଯେଉଁଥିରେ ମାତା ଲକ୍ଷ୍ମୀ, ଦୁର୍ଗା, ମହାକାଳୀ, ମାତା ସରସ୍ୱତୀଙ୍କୁ ପୂଜା କରାଯାଇଥାଏ। ବାସନ୍ତୀ ଦୁର୍ଗାପୂଜାରେ ଦୁର୍ଗା ସପ୍ତଶତୀ ପାଠ କରାଯାଏ। ମାତାଙ୍କ ବ୍ରତ ରଖି କେହି କେହି ଉପବାସ କରିଥାନ୍ତି। ତୁଳସୀ, ଫୁଲ ଓ ଦୁବ ମା'ଦୁର୍ଗାଙ୍କୁ ସମର୍ପଣ କରାଯାଏ। ପୂଜାବେଳେ ଲାଲ ବସ୍ତ୍ର ପରିଧାନ ଶୁଭଫଳ ପ୍ରାପ୍ତି ଦେଇଥାଏ ବୋଲି ବିଶ୍ୱାସ ରହିଛି। ପୂଜାସ୍ଥଳୀରେ ଭଗବତୀ ଦୁର୍ଗା, ଭଗବତୀ ଲକ୍ଷ୍ମୀ ଓ ମାତା ସରସ୍ୱତୀଙ୍କ ବିଗ୍ରହ ବା ଫଟୋଚିତ୍ର ରହିଥାଏ। ଅନେକ ସ୍ଥାନରେ ଅଖଣ୍ଡ ଦୀପ ମାତା ଦୁର୍ଗାଙ୍କୁ ସମର୍ପିତ ହୋଇ ପ୍ରଜ୍ୱଳିତ ହୋଇଥାଏ। ଚୈତ୍ର ନବରାତ୍ରର ଶେଷ ଦିନରେ ଘରେ ଥିବା ପୁସ୍ତକ, ବାଦ୍ୟଯନ୍ତ୍ର ଆଦିର ପୂଜା ହୋଇଥାଏ। ଏହି ସମୟରେ ମା'ବାସନ୍ତୀ ଦୁର୍ଗାଙ୍କୁ ମନ୍ତ୍ର - 'ଓଁ ଏଂ ହ୍ରୀଂ କ୍ଲୀଂ ଚାମୁଣ୍ଡାୟେ ବିଚ୍ଚେ'। ଆସନ୍ତୁ ବାସନ୍ତୀ ଦୁର୍ଗାଙ୍କୁ ଶତକୋଟି ପ୍ରଣାମ କରି ତାଙ୍କ ଆଶୀର୍ବାଦ ପ୍ରାପ୍ତ ହେବା।

*ସାମାଜିକ କର୍ମୀ, ଶ୍ରୀବିହାର କଲୋନୀ, ତୁଳସୀପୁର, କଟକ, ଦୂରଭାଷ : ୯୪୩୭୪୫୦୧୧୪*

# ୱାକଫ୍ ସଂସ୍କାର: ମୁସଲମାନ ସମ୍ପ୍ରଦାୟର କଲ୍ୟାଣ ନିମନ୍ତେ ସ୍ୱଚ୍ଛ ଏବଂ ଉତ୍ତରଦାୟୀ ପରିଚାଳନା ପାଇଁ ଏକ ଆହ୍ୱାନ

ଅନେକ ବିବିଧତାଭରା ଭାରତର ଧାର୍ମିକ ଏବଂ ସାମାଜିକ-ଅର୍ଥନୈତିକ ଦୃଶ୍ୟପଟରେ ୱାକଫ୍ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ, ତଥାପି ଅଣବ୍ୟବହୃତ ଅନୁଷ୍ଠାନ ଭାବରେ ଉଭା ହୋଇଛି। ଇସଲାମିକ ଆଧାତ୍ମିକ ପରମ୍ପରା ସହ ଅଙ୍ଗାଙ୍ଗୀ ଭାବେ ଯୋଡ଼ି ହୋଇରହିଥିବା ଏହି ବୈଧାନିକ ସଂସ୍ଥା ଭାରତରେ ମୁସଲମାନ ସମ୍ପ୍ରଦାୟର ସାମାଜିକ-ଅର୍ଥନୈତିକ ସ୍ଥିତିରେ ପରିବର୍ତ୍ତନ ଆଣିବାର କ୍ଷମତା ରଖୁଛି। କିନ୍ତୁ ଏହାର ମହାନ ଐତିହ୍ୟ ଓ ଯଥେଷ୍ଟ ଜମି ଥିବା ସତ୍ତ୍ୱେ ଅପାରଗତା, ଅବ୍ୟବସ୍ଥା ଓ ସ୍ୱଚ୍ଛତାର ଅଭାବ ଯୋଗୁଁ ଓ୍ୱାକଫ ପ୍ରତିବନ୍ଧକର ସମ୍ମୁଖୀନ ହୋଇଛି। ଏହା ପ୍ରକୃତରେ ବିରୋଧାଭାସପୂର୍ଣ୍ଣ ଯେ ଭାରତର ତୃତୀୟ ବୃହତ୍ତମ ଭୂମି ମାଲିକାନା ସଂସ୍ଥା ଭାବରେ ୱାକଫ ଏପରି ଏକ ସମ୍ପ୍ରଦାୟର ନେତୃତ୍ୱ ନେଉଛି ଯାହା ଶିକ୍ଷା, ସ୍ୱାସ୍ଥ୍ୟସେବା ଏବଂ ସାମାଜିକ-ଆର୍ଥିକ ଉନ୍ନତି ଭଳି ସମସ୍ୟା ସହିତ ସଂଘର୍ଷ କରିଚାଲିଛି। ଶହ ଶହ ବର୍ଷ ପୂର୍ବେ ସ୍ଥାପିତ ୱାକଫର ମୂଳ ଉଦ୍ଦେଶ୍ୟ ଥିଲା ବିଦ୍ୟାଳୟ, ଡାକ୍ତରଖାନା, ପାଠାଗାର ଏବଂ ଅନ୍ୟାନ୍ୟ ଦାତବ୍ୟ ଅନୁଷ୍ଠାନ ଭଳି ସାର୍ବଜନୀନ ସାମଗ୍ରୀ ସୃଷ୍ଟି ଏବଂ ରକ୍ଷଣାବେକ୍ଷଣ ମାଧ୍ୟମରେ ମୁସଲମାନ ସମ୍ପ୍ରଦାୟର କଲ୍ୟାଣ ପାଇଁ କାର୍ଯ୍ୟ କରିବା। ସମ୍ପ୍ରଦାୟର ଉନ୍ନତି ପାଇଁ ଏତେ ବିଶାଳ ସମ୍ବଳ ଭିତ୍ତିଭୂମିକୁ ପ୍ରଭାବଶାଳୀ ଭାବେ ଉପଯୋଗ କରାଯାଉ ନ ଥିବାରୁ ଗତ ଅନେକ ଦଶନ୍ଧି ଧରି ଏହା ଗଭୀର ଚିନ୍ତାର କାରଣ ପାଲଟିଛି। ପ୍ରସ୍ତାବିତ ଉମିଦ୍ ୱାକଫ୍ ବିଲ୍ ସଂଶୋଧନଗୁଡ଼ିକ ୱାକଫ୍ ସହିତ ଜଡିତ କିଛି ଦୀର୍ଘକାଳୀନ ସମସ୍ୟାର ସମାଧାନ କରିବା ପାଇଁ ଲକ୍ଷ୍ୟ ରଖିଛି। ଏହି ସଂସ୍କାରଗୁଡ଼ିକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ, କାରଣ ଏଗୁଡ଼ିକ ମୁତାୱାଲି (ରକ୍ଷକ)ଙ୍କ ଦ୍ୱାରା ୱାକଫ୍ ସମ୍ପତ୍ତିର ଅପବ୍ୟବହାର, ଶୂନ୍ୟ ବିଶ୍ୱସନୀୟତା ଥିବା କିଛି ସଦସ୍ୟ ଏବଂ ଏସବୁ ସମ୍ପତ୍ତିଗୁଡ଼ିକର ମୂଲ୍ୟବୃଦ୍ଧି କରିବା କ୍ଷେତ୍ରରେ ୱାକଫ୍ ବୋର୍ଡ ଆଗରେ ରହୁଥିବା ପ୍ରତିବନ୍ଧକ ଆଦି ପ୍ରସଙ୍ଗରେ ସମ୍ପର୍କରେ ସମ୍ପ୍ରଦାୟ ମଧ୍ୟରେ ବ୍ୟାପକ ସହମତିକୁ ସ୍ୱୀକାର କରେ। ଓ୍ୱାକଫର ସାମ୍ପ୍ରତିକ ସ୍ଥିତି ଭାରତରେ ମୁସଲମାନ ସମ୍ପ୍ରଦାୟ ସମ୍ମୁଖୀନ ହେଉଥିବା ବ୍ୟାପକ ଆହ୍ୱାନର ପ୍ରତିଫଳନ। ୱାକଫ୍ ସମ୍ପତ୍ତି ପରିଚାଳନାରେ ଉତ୍ତରଦାୟିତ୍ୱ ଏବଂ ସ୍ୱଚ୍ଛତାର ଅଭାବ ଅକ୍ଷମତା ଏବଂ ଦୁର୍ନୀତିକୁ ସ୍ଥାୟୀ କରିବାକୁ ଅନୁମତି ଦେଇଥିଲା। ଓ୍ୱାକଫ ବ୍ୟବସ୍ଥାର ଏକ ବଡ଼ ସମସ୍ୟା ହେଲା ଓ୍ୱାକଫ ମାଲିକାନାରେ ଥିବା ସଂପତ୍ତିର ପୁରୁଣାକାଳିଆ ଭଡ଼ା ଢାଞ୍ଚା। ଏମାନଙ୍କ ମଧ୍ୟରୁ ଅଧିକାଂଶ ସମ୍ପତ୍ତି ଦଶନ୍ଧି ପୂର୍ବେ ପ୍ରାୟତଃ ୧୯୫୦ ଦଶକରେ ନିର୍ଦ୍ଧାରିତ ଦରରେ ଭଡ଼ାରେ ଦିଆଯାଉଛି, । ଆଜିର ବଜାରରେ କେବଳ ଏହି ଭଡ଼ା ଅହେତୁକ ଭାବେ କମ୍ ନୁହେଁ, ବରଂ ବକେୟା ପରିମାଣର ଭଡ଼ା ମଧ୍ୟ ନିୟମିତ ଭାବେ ଆଦାୟ କରାଯାଏ ନାହିଁ। ବେଆଇନ ଭାବେ ବିକ୍ରି ଓ ୱାକଫ୍ ସମ୍ପତ୍ତି ନଷ୍ଟ ହୋଇଥିବା ଅଭିଯୋଗ ଯୋଗୁଁ ଏହି ସ୍ଥିତି ଆହୁରି ଜଟିଳ ହୋଇଛି, ଯାହା ସାମୁହିକ କଲ୍ୟାଣ ପାଇଁ ବ୍ୟବହୃତ ହେବାକୁ ଥିବା ରାଜସ୍ୱକୁ ଯଥେଷ୍ଟ ହ୍ରାସ କରିଥାଏ। ଏହାର ଏକ ବଡ଼ ଉଦାହରଣ ହେଉଛି ଜୟପୁର ସହରର ସବୁଠାରୁ କେନ୍ଦ୍ରୀୟ ଏବଂ ପ୍ରସିଦ୍ଧ ଦୋକାନ ରାସ୍ତା ଯାହା ଏମଆଇ ରୋଡ୍ ନାମରେ ଜଣାଶୁଣା, ଯାହା ସାଙ୍ଗାନେରୀ ଗେଟରୁ ସରକାରୀ ଛାତ୍ରାବାସ ପର୍ଯ୍ୟନ୍ତ ଯାଇଛି। ଅନେକ ଲୋକ ଜାଣି ନଥିବେ ଯେ ଏମଆଇର ଅର୍ଥ ହେଉଛି ମିର୍ଜା ଇସମାଇଲ୍ ରୋଡ୍। ଏମଆଇ ରୋଡରେ ଅବସ୍ଥିତ କିଛି ସମ୍ପତ୍ତି ସାମୁଦାୟିକ ଏବଂ ଧାର୍ମିକ କାର୍ଯ୍ୟ ପାଇଁ ୱାକଫ୍ ବୋର୍ଡକୁ ଦାନ କରାଯାଇଛି। ବୋର୍ଡ ଏହି ସମ୍ପତ୍ତିଗୁଡ଼ିକୁ ଭଡ଼ାରେ ଦେଇପାରିବ କିନ୍ତୁ କାହାକୁ ବିକ୍ରୟ କରାଯାଇପାରିବ ନାହିଁ। ଏମଆଇ ରୋଡରେ ୧୦୦ ବର୍ଗଫୁଟରୁ ୪୦୦ ବର୍ଗଫୁଟ ପର୍ଯ୍ୟନ୍ତ ଅନେକ ବ୍ୟବସାୟିକ ସମ୍ପତ୍ତି ଅଛି ଯାହା ମାସିକ ମାତ୍ର ୩୦୦ ଟଙ୍କା ପାଉଛି, ଯେବେକି ଭଡ଼ା ନୀତିର ସଂଶୋଧନ ହେଲେ ପ୍ରତି ମାସରେ ପ୍ରତି ସଂପତ୍ତିରୁ ପ୍ରାୟ ୨୫୦୦୦ ଟଙ୍କା ପର୍ଯ୍ୟନ୍ତ ଭଡ଼ା ମିଳିପାରିବ। କାଶ୍ମୀରରୁ କନ୍ୟାକୁମାରୀ ପର୍ଯ୍ୟନ୍ତ ପ୍ରତ୍ୟେକ ରାଜ୍ୟରେ ଭାରତରେ ଏପରି ହଜାର ହଜାର ଅପାରଗତାର ଉଦାହରଣ ରହିଛି। ୨୦୦୬ର ସଚ୍ଚର କମିଟି ରିପୋର୍ଟରେ ଆକଳନ କରାଯାଇଥିଲା ଯେ ୱାକଫ୍ ଏହାର ସମ୍ପତ୍ତିରୁ ବାର୍ଷିକ ୧୨,୦୦୦ କୋଟି ଟଙ୍କା ଆୟ କରିପାରିବ। ତେବେ ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରଣାଳୟର ସର୍ଭେରୁ ଜଣାପଡିଛି ଯେ ୱାକଫ ସମ୍ପତ୍ତିର ପ୍ରକୃତ ସଂଖ୍ୟା ୮.୭୨ ଲକ୍ଷରୁ ଅଧିକ। ଆଜି ମୁଦ୍ରାସ୍ଫୀତି ଏବଂ ସଂଶୋଧିତ ଆକଳନକୁ ଦୃଷ୍ଟିରେ ରଖି ସମ୍ଭାବ୍ୟ ଆୟ ବାର୍ଷିକ ୨୦,୦୦୦ କୋଟି ଟଙ୍କା ପର୍ଯ୍ୟନ୍ତ ହୋଇପାରେ। ତଥାପି, ପ୍ରକୃତ ରାଜସ୍ୱ ଆଦାୟ ମାତ୍ର ୨୦୦ କୋଟି ଟଙ୍କା ରହିଛି- ଅର୍ଥାତ୍ ଯାହା ପେସାଦାର ଏବଂ ସ୍ୱଚ୍ଛ ପରିଚାଳନା ଦ୍ୱାରା ହାସଲ କରାଯାଇପାରିବ, ଏବେ ତାହାର ମାତ୍ର କିଛି ଅଂଶ ହିଁ ମିଳୁଛି। ରାଜସ୍ୱ ଉତ୍ପାଦନ ଏବଂ ସାମୁହିକ କଲ୍ୟାଣରେ ତାହାର ବିନିଯୋଗର ବିପୁଳ ସମ୍ଭାବନା ରହିଛି। ଯଦି ଦକ୍ଷତାର ସହ ପରିଚାଳନା କରାଯାଏ, ତେବେ ୱାକଫ୍ ସମ୍ପତ୍ତିଗୁଡ଼ିକ ବିଶ୍ୱସ୍ତରୀୟ ଅନୁଷ୍ଠାନ- ସ୍କୁଲ, ବିଶ୍ୱବିଦ୍ୟାଳୟ, ଡାକ୍ତରଖାନା ଏବଂ ଅନ୍ୟାନ୍ୟ ପ୍ରତିଷ୍ଠା ପାଇଁ ପାଣ୍ଠି ଯୋଗାଇପାରିବ ଯାହା କେବଳ ଭାରତୀୟ ମୁସଲମାନ ସମ୍ପ୍ରଦାୟ ନୁହେଁ ବରଂ ସମଗ୍ର ସମାଜର ସେବା କରିବ। ଏଠାରେ ଆମେ ଭାରତୀୟ ମୁସଲମାନ ହିସାବରେ 'କଲ୍ୟାଣ' ବିଷୟରେ ଆମର ବୁଝାମଣାକୁ ବ୍ୟାପକ କରିବା ଉଚିତ୍। କଲ୍ୟାଣର ଅର୍ଥ ମାଗଣାରେ ଚାଲୁଥିବା ଅନୁଷ୍ଠାନ ନୁହେଁ ଯେଉଁମାନେ ନିଜକୁ ବଞ୍ଚାଇବା ପାଇଁ ସଂଘର୍ଷ କରନ୍ତି। ଏହା ପରିବର୍ତ୍ତେ, ଆମେ ଆତ୍ମନିର୍ଭରଶୀଳ, ସମାବେଶୀ ଏବଂ ଏତେ ଉଚ୍ଚ ମାନର ଅନୁଷ୍ଠାନ ସୃଷ୍ଟି କରିବାକୁ ଇଚ୍ଛା କରିବା ଉଚିତ ଯେପରି ସେଗୁଡ଼ିକ ସମସ୍ତଙ୍କ ପାଇଁ ଅନୁକରଣୀୟ ହୋଇପାରିବେ। ଯୁଗ୍ମ ସଂସଦ କମିଟି (ଜେପିସି)ର ଗଠନମୂଳକ ପରାମର୍ଶ ପରେ ଚୂଡ଼ାନ୍ତ ଉମିଦ୍ ୱାକଫ ବିଲ୍ ସଂଶୋଧନ ମୁସଲମାନ ସମ୍ପ୍ରଦାୟର ସାମଗ୍ରିକ ବିକାଶ ଦିଗରେ ୱାକଫ୍ ବିକାଶର ଉପଯୁକ୍ତ ସ୍ଥାନ ଏବଂ ପରିସର ପ୍ରତି ଏକ ଦୂରଦର୍ଶୀ ପ୍ରତିବଦ୍ଧତା ପ୍ରଦାନ କରିବା ଆବଶ୍ୟକ। ୱାକଫ୍ ବୋର୍ଡ ଏବଂ ସେଣ୍ଟ୍ରାଲ ୱାକଫ୍ କାଉନସିଲ୍ (ସିଡବ୍ଲୁସି)ର ପ୍ରଶାସନ ଓ ପରିଚାଳନାରେ ପରିବର୍ତ୍ତନ ଆଣି ଏହି ବିଲ୍ ଏକ ଅଧିକ ଉତ୍ତରଦାୟୀ ଏବଂ ସ୍ୱଚ୍ଛ ବ୍ୟବସ୍ଥା ସୃଷ୍ଟି କରିବାକୁ ଚାହୁଁଛି ଯାହା ସମ୍ପ୍ରଦାୟର ଉତ୍ତମ ସେବା କରିପାରିବ। କିନ୍ତୁ ଏହି ସଂସ୍କାର କେବଳ ପ୍ରଶାସନରେ ଅଟକି ରହିବା ଉଚିତ ନୁହେଁ। ୱାକଫ୍ ବୋର୍ଡର ବିଶ୍ୱସନୀୟ ପ୍ରଶାସନ ରାଜସ୍ୱ ଉତ୍ପାଦନର ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ମଧ୍ୟ ସମାଧାନ କରିବା ଉଚିତ୍। ୱାକଫର ଆର୍ଥିକ ସ୍ଥାୟୀତା ସୁନିଶ୍ଚିତ କରିବା ପାଇଁ ବର୍ତ୍ତମାନର ବଜାର ଦରକୁ ପ୍ରତିଫଳିତ କରିବା ପାଇଁ ୱାକଫ୍ ସମ୍ପତ୍ତିର ଭଡ଼ା ଢାଞ୍ଚାରେ ସଂଶୋଧନ କରିବା ଜରୁରୀ ଅଟେ। ଏହାବ୍ୟତୀତ ଏହି ସମ୍ପତ୍ତିରୁ ମିଳିଥିବା ଲାଭକୁ ୱାକଫ୍ ପ୍ରତିଷ୍ଠାନର ମୂଳ ଲକ୍ଷ୍ୟ ଅନୁଯାୟୀ ମୁସଲମାନ ସମ୍ପ୍ରଦାୟ କଲ୍ୟାଣ ପ୍ରକଳ୍ପରେ ପୁନଃବିନିଯୋଗ କରାଯିବା ଉଚିତ। ଶେଷରେ, ଭାରତୀୟ ମୁସଲମାନ ଭାବରେ, ଆମକୁ ସ୍ୱୀକାର କରିବାକୁ ପଡିବ ଯେ ୱାକଫ୍ ଏକ ଗୁରୁତ୍ୱପୂର୍ଣ୍ଣ ଅନୁଷ୍ଠାନ ଯାହାକି ବିଫଳ ହୋଇପାରିବନାହିଁ। ଏହା କେବଳ ସାମାଜିକ-ଅର୍ଥନୈତିକ ବିକାଶ ଦୃଷ୍ଟିରୁ ନୁହେଁ ବରଂ ଅନ୍ତର୍ଭୁକ୍ତୀକରଣ ଏବଂ ଉତ୍କୃଷ୍ଟତାର ଭାବନାକୁ ପ୍ରୋତ୍ସାହିତ କରିବାରେ ଆମ ସମ୍ପ୍ରଦାୟର ସାମର୍ଥ୍ୟକୁ ଉନ୍ମୋଚନ କରିବାର ଚାବିକାଠି ଅଟେ। ସଂସ୍କାର ଗ୍ରହଣ କରି ଏବଂ ଉତ୍ତରଦାୟିତ୍ୱ ଦାବି କରି, ଆମେ ସୁନିଶ୍ଚିତ କରିପାରିବା ଯେ ୱାକଫ୍ ମୁସଲମାନ ସମ୍ପ୍ରଦାୟକୁ ଫାଇଦା ଦେବା ଏବଂ ବ୍ୟାପକ ସମାଜରେ ଯୋଗଦାନ କରିବାର ଉଦ୍ଦେଶ୍ୟ ପୂରଣ କରିପାରିବ। ସଂସ୍କାରର ସମୟ ଆସିଛି ଏବଂ ମୁସଲମାନ ସମ୍ପ୍ରଦାୟ ଏବଂ ଆମ ଦେଶର ମଙ୍ଗଳ ପାଇଁ ୱାକଫ୍ ଯେପରି ନିଜର ସାମର୍ଥ୍ୟର ଉପଯୋଗ କରିପାରିବ ତାହା ସୁନିଶ୍ଚିତ କରିବା ଆମର ସାମୂହିକ ଦାୟିତ୍ୱ। ଆସନ୍ତୁ ପୁନର୍ବାର ସାମୁହିକ ବିକାଶ ଉପରେ ଧ୍ୟାନ ଦେବା ଏବଂ ଏପରି ଏକ ଭବିଷ୍ୟତ ଦିଗରେ କାର୍ଯ୍ୟ କରିବା ଯେଉଁଠାରେ ୱାକଫ୍ ଅନୁଷ୍ଠାନ ସମସ୍ତଙ୍କ ପାଇଁ ଆଶା, ସୁଯୋଗ ଏବଂ ସମୃଦ୍ଧିର ଉଜ୍ଜ୍ୱଳ କିରଣ ପାଲଟିବ।



ହାଜି ସୟଦ ସଲମାନ ଚିସ୍ତି

*ଗାଦି ନାସିନ ଦରଘା ଆଜମେର ସରିଫ, ଅଧ୍ୟକ୍ଷ : ଚିସ୍ତି ଫାଉଣ୍ଡେସନ*



— ଆମ ଠିକଣା —

ମାତୃଭାଷା, ସାର୍ଥକ ପ୍ୟାଲେସ୍, ପ୍ଲଟ୍ ନଂ-୧୫୭୦/୧୫୭୧, ସେକ୍ଟର-୬, ସିଡିଏ, କଟକ

## ଗ୍ରୀଷମ ନିୟମ ପାଳିବା...

ଖରା ଟାଣ ହେଲା ଝାଳ ନିଗିଡିଲା
ଧରଣୀ ହେଲା ତପତ
ସେଥିପାଇଁ ରାଜ୍ୟେ ସକାଳୁଆ ସ୍କୁଲ
ଚାଲୁ ହୋଇଗଲା ମିତ ।
ସକାଳୁ ସକାଳୁ ବିଦ୍ୟାଳୟ ଯିବା
ମଧ୍ୟାହ୍ନରେ ହେବ ଛୁଟି
ଛତା ଜୋତା ପିନ୍ଧି ସାଥି ମେଳ ହୋଇ
ଫେରିବା ଘରକୁ ନିତି ।
ପାଣି ବୋତଲକୁ ସାଥିରେ ରଖିବା
ବୁଲିବା ନାହିଁ ଖରାରେ
ସଡକ କଡରେ ଗଛ ଛାଇ ଦେଖି
ଚାଲିବା ସାବଧାନରେ ।
ଘରେ ପହଂଚିଲେ ହାତ ଗୋଡ ଧୋଇ
ପଖାଳ ଭାତ ଖାଇବା
ଦେହ ପାଇଁ ହିତ ଦହି ତୋରାଣୀକୁ
ଅତି ସରାଗେ ପିଇବା ।
କଅଁଳ କାକୁଡି ତରଭୁଜ ଫଳ
ଜଳୀୟ ଅଂଶରେ ଭରା
ବେଲ ସରବତ କରିଲେ ସେବନ
ଦେହକୁ ନଲାଗେ ଖରା ।
ବରଫ ପାଣିକୁ କେବେ ନଛୁଇଁବା
ପିଇବା ମାଠିଆ ଜଳ
ଛଣା ଦରବଠୁଁ ଦୂରେଇ ରହିବା
ଖରାଦିନେ ସିଏ କାଳ ।
ହାଲୁକା ବସନ ଶରୀରରେ ପିନ୍ଧି
ଦେହକୁ ଥଣ୍ଡା ରଖିବା
ଗ୍ରୀଷମ କାଳର ସାରା ନିୟମକୁ
ଧ୍ୟାନରେ ଆମେ ପାଳିବା ।

*ରାମଚନ୍ଦ୍ର ବେହେରା*
*ତେନ୍ତୁଳିପଦା, ଜଗତସିଂହପୁର*
*ମୋ-୭୩୫୫୬୩୪୩୪୬*

## ବିଜ୍ଞାନ ଯୁଗର କୁନି ପିଲା ସିଏ

ଝିଟିପିଟିକୁ ସେ ଝିପିଟି କହେରେ
ବିରିଆନିକୁରେ ବିରାନି କହେ
ଘରକୁ ଆସିଲେ 'ଜମାଟୋ ବୟ'ଟି
ଅଙ୍କଲ୍ ଡାକିକି ସେ ଚାହିଁ ରହେ ।

'କେବିସି' ଚାଲିଲେ ସିଏ ବସିପଡ଼ି
ଅମିୟା ବଚନ ଆସିଲା କହେ
ପାଟିରେ ପଶେନି ଅମିତାଭ ବଚନ
ତା କଥା ଶୁଣିକି ହସୁରେ ବହେ ।

ଅଜାଙ୍କ ନାଆଁକୁ ସେ କହେ ମଶୋର
ମହେଶ୍ୱର ଖ୍ରାଲି ପାରେନା କହି
ଚିତ୍ର ଦେଖି ଦେଖି କହିଦେଉଥାଏ
କେବେରେ ଝଅଟ କେବେରେ ରହି ।

ମା, ପା, ବା ପରେ ଯେ କହିଲା
ଦୁଇ ଅକ୍ଷରିଆ ଶବ୍ଦଟି ସିଏ
ଛୋଟ ମାଛ ଧରି 'ହାତୀ ଝୁଲେ ଝୁଲେ'
ଗୀତଟି ପାରଇ ଗାଇ ତ ଯିଏ ।

ଆ'ରେ ପଢ଼ିବା କହିଲେ ସେ କହେ
ନିଜେ ମୁଁ ପଢ଼ିବି ବହିଟି ଖୋଲି
ଏ.ବି.ସି କହିଦେଉଥାଏ
ସବୁ ଯେମିତି ସେ ଜାଣିଛି ବୋଲି ।

ଡାଏନୋସର ଓ ସ୍ପାଇଡରମାନ୍
ରହିଛି ଜିଭର ଅଗରେ ତା'ର
ବିଜ୍ଞାନ ଯୁଗର କୁନି ପିଲା ସିଏ
ତା କଥାଟି ଭାବେ ମୁଁ ବାରମ୍ବାର ।

*ନୀଳମଣି ଚାନ୍ଦ*
*ମନ୍ତ୍ରମାନୋର, ଗୋଠପାଟଣା*
*ଭୁବନେଶ୍ୱର,*
*ମୋ:୯୫୮୩୨୦୨୩୫୭*

## ଫୁଲପରି ତୁମେ ଜହ୍ନପରି ତୁମେ

ଫୁଲପରି ତୁମେ
ଜହ୍ନପରି ତୁମେ
ସରଳ ସୁନ୍ଦର ରାମ
ନର ଶରୀରରେ
ଜନମ ନିଅହେ
ଆମରି ମରତ ଧାମ ।।
ତୁମେ ଜନମିଲେ
ସୁଖ ଶାନ୍ତି ସୁଧା
ଧରାରେ ପଡିବ ଖସି
ତୁମ ଆଦରଶେ
ମଣିଷ ସମାଜ
ସୁଖରେ ପାରିବ ହସି ।।
ଆମେ କରୁ ପୂଜା
ଭକତି ଅନ୍ତରେ
ତୁମରି ଜଣାଣ ଗାଉ
ତୁମପରି ଜଣେ
ବୀର ସୁପୁରୁଷ
ହେବାକୁ ତ ଭ୍ଲାଥାଉ ।।
ତୁମେ ନାଶିଥିଲ
ଅସୁର ରାବଣ
ସାହସ ଶକତି ଧରି
ଖାଇଥିଲ ପୁଣି
ଶ୍ୱରୀ ଅଇଁଠା
ସେନେହ ସରାଗ ଭରି ।।
ତୁମନାମ ଧରି
ହେଇଥିଲେ ପାରି
ମାରୁତି ସପତ୍ ସିନ୍ଧୁ
ହେବୁ ମହାବଳୀ
ଢାଳିଦିଅ ପ୍ରଭୁ
ମଥାରେ ଆଶିଷ ବିନ୍ଦୁ ।।
ତୁମପରି ହେବୁ
ପିତା ମାତା ଗୁରୁ
ପାଦରେ ରଖିବୁ ମତି
ଟାଳିଦେବୁ ଏଇ
ଦୁନିଆଁ କୁରୁ
କଳା କାଳିମାର ରାତି ।।
ହେବୁ ଦିନେ ବଡ
ସହି ଝଞ୍ଜା ଝଡ
ଗଢ଼ିବୁ ଆମେତ ମିଶି
ଧରଣୀ କୋଳରେ
ସୁନା ରାମରାଜ୍ୟ
ସୁଖପାଇ ହସି ହସି ।।

*ପ୍ରଶାନ୍ତ କୁମାର ଦାଶ*
*କୁଞ୍ଜର -ସଙ୍ଗଳାଇ*
*ପିପିଲି -ପୁରୀ*
*ମୋ- ୯୬୬୮୮୨୨୧୯୦*

## ଅଛିରେ ଆମର

ଅଛିରେ ଆମର ହାତ ଗୋଡ ଚାରି
କରିବାକୁ ଭଲ କାମ
ମାନବ ସେବାରେ ସମୟ ଦେବାରେ
ରଖି ଯିବା ଭଲ ନାମ ।
ଅଛିରେ ଆମର ସୁନ୍ଦର ପାଟିଟେ
କହିବାକୁ ମିଠା କଥା
ଭଲ ଭଲ କଥା କହି ଯିବା ଆମେ
ଲଗାଇ ଆମର ମଥା ।
ଅଛିରେ ଆମର ସୁନ୍ଦର ମନଟେ
ସୁନ୍ଦର ଭାବନା ପାଇଁ
ଭଲ ଭାବନାକୁ ମନରେ ନେଲେରେ
ସଫଳ ହୋଇବା ଯାଇ ।
ଗୋଟିଏ ସୁନ୍ଦର ହୃଦୟ ଅଛିରେ
ଦେବାକୁ ବିଚାର ପରା
ସବୁ କ୍ଷେତ୍ରେ ଭଲ ବିଚାର ଦେଲେରେ
ହସି ଉଠିବ ଏ ଧରା ।
କେତେ କେତେ ଭଲ ଜିନିଷ ଏମିତି
ରହି ଅଛି ଆମ ଦେହେ
ଆମରି ଜୀବନ ସଫଳ ହୋଇବ
ଆଦରିବା ଯଦି ସ୍ନେହେ ।

*କୀର୍ତ୍ତନ ସାହୁ*
*ମିଶ୍ର କଲୋନୀ*
*ଶାଳପଡ଼ା, କେନ୍ଦୁଝର*
*ମୋ- ୯୪୩୮୪୧୪୭୦୧*

# ଡୁଗୁର ବୁଦ୍ଧିମତ୍ତା



ରହୁଥିବା ସ୍ଥାନ ଗାଁ, ସହର ଭିତରୁ ଯାହା ହେଲେ ବି ସେ ସ୍ଥାନର ନାମ ହେଇପାରେ ପଡା କି କଲୋନୀ, ବା ସାଇ କି ଗଳି ଅବା କନ୍ଦି । ସେହି ନାମକରଣ ଭିତରେ ଡୁଗୁ ରହେ ଗୋଟେ ସାହିରେ । ସବୁଦିନ ଟ୍ୟୁସନ ଯାଏ । ଅକ୍ଷର ଶିଖେ ଓ ଗଣନ ସଂଖ୍ୟା ମଧ ଶିଖି ଏ ଫର ଆପୁଲ, ବି ଫର ବଲ ଇତ୍ୟାଦି କହୁଥାଏ ।

ଜେଜେମା ପ୍ରତିଦିନ ଛାତ ଉପରେ ପକ୍ଷୀ ଦେଖନ୍ତି । ଡୁଗୁ ମଧ ତାଙ୍କ ସଙ୍ଗେ ଛାତ ଉପରକୁ ଯାଇ ପକ୍ଷୀ ଦେଖି ଗଣୁଥାଏ ୱାନ ବାର୍ଡ, ଟୁ ବାର୍ଡ କହି ଯେମିତି ରାସ୍ତାରେ କୌଣସି ଅପରିଚିତ ବ୍ୟକ୍ତି ଦେଖିଲେ, ଜେଜେମାଙ୍କୁ ପଚାରି ବସେ, ସେ କିଏ ତ ଜେଜେମା ଉତ୍ତର ଦିଅନ୍ତି ଅଙ୍କଲ । ପୁଣି ଆଉ ଜଣଙ୍କୁ ବା ଜଣଙ୍କ ପରେ ଅନ୍ୟ ଜଣଙ୍କୁ ଦେଖି ସେ କିଏ ପ୍ରଶ୍ନଟିକୁ ଦୋହରାଉ ଥାଏ ତ ଜେଜେମା କହନ୍ତି ୱାନ ଅଙ୍କଲ, ଟୁ ଅଙ୍କଲ, ଥ୍ରୀ ଅଙ୍କଲ ଇତ୍ୟାଦି ।ସେଇ ଜେଜେମାଆଙ୍କ ପ୍ରେରଣାରେ ତ ଡୁଗୁ ଛାତ ଉପରେ ତାଙ୍କ ସହ ପକ୍ଷୀ ଗଣନା କରିଚାଲେ ୱାନ ବାର୍ଡ, ଟୁ ବାର୍ଡ, ଥ୍ରୀ ବାର୍ଡ କହି ।

ଜେଜେମାଙ୍କ ପକ୍ଷୀ ଦେଖା ନିଶା ପେଶାରେ ପରିଣତ ହେବା ଦେଖି ପରିବାର ସହ ଚିଲିକା ଯାଆନ୍ତି ସମସ୍ତେ । ଚିଲିକାର ସୌନ୍ଦର୍ଯ୍ୟରେ ବିମୋହିତ ହୋଇ ରାଧାନାଥଙ୍କ କବିତାର ପଂକ୍ତି ମରାଳ ମାଳିନୀ ନୀଳାମ୍ବୁ ଚିଲିକା ସୌନ୍ଦର୍ଯ୍ୟରେ ବିମୋହିତ ହୁଅନ୍ତି ଜେଜେ ତ ଗୋପବନ୍ଧୁଙ୍କ ରେଳଉପରେ ଚିଲିକା ଦର୍ଶନର ପଂକ୍ତି, ରହ ରହ କ୍ଷଣେ ବାଷ୍ପୀୟ ଶକଟ ଦେଖିବି ଚିଲିକା ଚାରୁଚିତ୍ରପଟ ମନେପକାଇ ବିଭୋର ହେଲାବେଳେ ଜେଜେମା ନଳବଣରେ ପକ୍ଷୀ ଦେଖି ବିସ୍ମିତ ଓ ମୁଗ୍ଧ ହୋଇଯାଉଥାଆନ୍ତି । ସେହି ସୁଯୋଗରେ ଡୁଗୁ ପାଟିରେ ଖାଦ୍ୟ ଦେଇ ସନ୍ତୁଷ୍ଟି ପାଉଥାଆନ୍ତି ତା ଜନ୍ମଦାତ୍ରୀ ମାଆ । ଡୁଗୁ ମଧ ପକ୍ଷୀ ଦେଖି କଟାଳ ନକରି ଢ଼ୋକି ଢ଼ୋକି ଦିଏ ଖାଦ୍ୟ ।

ଏଣିକି ଡୁଗୁର ଅଭ୍ୟାସ ବଢ଼ାଇବା ପାଇଁ ସାଇ ପିଲାଙ୍କ ସହ ଟ୍ୟୁସନ ଯାଇ ଫେରିଲା ପରେ, ସେ ଛାତ ଉପରେ ପକ୍ଷୀ ଦେଖେ ଓ ଗଣେ ଜେଜେମାଙ୍କ ସଙ୍ଗେ ତ ସେଇ ସୁଯୋଗରେ ତାକୁ ଖାଦ୍ୟ ଦିଅନ୍ତି ତା ମାଆ । ସେଦିନ ଡୁଗୁ ପକ୍ଷୀ ନଗଣି, ଏ ଫର ଆପୁଲ, ବି ଫର ବଲ ଇତ୍ୟାଦି କହୁଥିଲା ଆକାଶକୁ ଚାହିଁ ତ ମାଆ ଓ ଜେଜେମା ଦୁହେଁ ଆଶ୍ଚର୍ଯ୍ୟ ହେଲେ ଓ ଉପରକୁ ଚାହିଁ ସ୍ତବ୍ଧ ହେଲେ । ଦଳ ଦଳ ପକ୍ଷୀ ନିଜ ନିଜଠାରୁ ସମ ଦୂରତ୍ୱ ରଖି ଉଡୁଥିଲେ କେତେବେଳେ ଇଂରାଜି ଅକ୍ଷରର କୋଉ ଆକୃତିରେ ତ ସେସବୁ ନିରୀକ୍ଷଣ କରି ଡୁଗୁ କହିଚାଲିଥିଲା ଅକ୍ଷର ପରି ଦେଖାଯାଉଥିବା ପକ୍ଷୀ ମାନଙ୍କର ଉଡାଣକୁ ଲକ୍ଷ କରି ତ ତା ପରଠୁ ଡୁଗୁର ଧି ଶକ୍ତି ପ୍ରଖର ହେବ କହି ଟ୍ୟୁସନ କରୁଥିବା ଗୁରୁମା କହନ୍ତି ଡୁଗୁ ଆମ ସାଇର ସୁପର ଷ୍ଟାର । ଡୁଗୁ ବୁଲି ବୁଲି ଖନେଇ ଖନେଇ ସମସ୍ତଙ୍କୁ କହୁଥାଏ ପାଠ ପଢ଼, ପାଠ ଲେଖ, ଆମ ସାଇ ସୁପର ଷ୍ଟାର ହେବ । ତ ଡୁଗୁର ବୁଦ୍ଧିମତ୍ତା ଦେଖି ସମସ୍ତେ କହୁଥିଲେ ଡୁଗୁ, ଆମ ସାଇ ସୁପର ଷ୍ଟାର ।

*ସୁନନ୍ଦା ମହାନ୍ତି*
*ସାକ୍ଷୀଗୋପାଳ*
*ପୁରୀ*
*୯୦୪୦୯୭୭୩୨୭*



## ।। ସମୟର ହାତ ଧରି ।।

ସୁବୁଦ୍ଧି ଭାରି ବୁଦ୍ଧିମାନ୍ । ପ୍ରତିଟି କାର୍ଯ୍ୟ ସମୟ ଅନୁସାରେ କରିବାକୁ ସେ ଖୁବ୍ ପସନ୍ଦ କରେ ।ଠିକ୍ ସମୟରେ ସ୍କୁଲ ଯିବା,ଠିକ୍ ସମୟରେ ପାଠ ପଢିବା, ଠିକ୍ ସମୟରେ ଖାଇବା, ଖେଳିବା, ଶୋଇବା ଆଦି ସବୁ କାର୍ଯ୍ୟ ସୁଚାରୁ ରୂପେ କରେ । ସୁବୁଦ୍ଧିର ଘର ନିକଟରେ ରହୁଥିବା କେତେକ ପିଲା ସ୍କୁଲରୁ ଫେରିବା ପରେ ଖେଳ କୁଦରେ ଅଯଥା ସମୟ ନଷ୍ଟ କରନ୍ତି । ଖୁବ୍ ଜୋର ପାଟି-ଗୋଳ କରି ପରିବେଶକୁ କୋଳାହଳମୟ କରିଦିଅନ୍ତି । ସୁବୁଦ୍ଧି ସେମାନଙ୍କର ଉଦଣ୍ଡଟା ଦେଖି ପ୍ରତିଟି କାର୍ଯ୍ୟକୁ ଠିକ୍ ସମୟରେ କରିବାକୁ ପରାମର୍ଶ ଦିଏ ।କିନ୍ତୁ କେହି ତା' ପରାମର୍ଶକୁ ମାନନ୍ତି ନାହିଁ କି ପସନ୍ଦ କରନ୍ତି ନାହିଁ ବରଂ ଓଲଟା ତାକୁ ରୋବର୍ଟ- ରୋବର୍ଟ କହି ଚିଡାନ୍ତି । ଦିନେ ସୁବୁଦ୍ଧି ତା' ସାଙ୍ଗମାନଙ୍କ ସହିତ ପଡ଼ିଆରେ ଖେଳୁଥାଏ ଯେମିତି ଗୋଟେ ଘଣ୍ଟା ଅତିବାହିତ ହୋଇଛି ଘରକୁ ଯିବାପାଇଁ ବାହାରିଲା ।ଆଉ କିଛି ସମୟ ଖେଳିବା ପାଇଁ ତା' ସାଙ୍ଗମାନେ ଅଟକାଇଲେ । ସାଙ୍ଗମାନଙ୍କ ଅନୁରୋଧ ଶୁଣି ସେ କହିଲା-ଆମକୁ ପ୍ରତିଟି କାର୍ଯ୍ୟ ସମୟ ଅନୁସାରେ କରିବା ଆବଶ୍ୟକ ।ତାହା ନକଲେ ସମୟ ସହିତ ତାଳ ଦେଇ ଆଗକୁ ବଢି ପାରିବା ନାହିଁ । ଏହା କହିବା ସହିତ ସେ ଘରକୁ ଫେରିବାକୁ ଲାଗିଲା । ପଛରୁ ତା' ସାଙ୍ଗମାନେ ଚିଡ଼େଇ ଚିଡ଼େଇ କହୁଥାନ୍ତି-ରୋବର୍ଟ- ରୋବର୍ଟ କୋଉଠିକାର.... ! ଆଉ ଦିନେ ସୁବୁଦ୍ଧିର ଘର ଠିକଣା ପଚାରି ପଚାରି ଜଣେ ଭଦ୍ରବ୍ୟକ୍ତି ପହଞ୍ଚିଲେ । ସୁବୁଦ୍ଧିର ଘର ଆଗରେ ଖେଳୁଥିବା ପିଲାମାନେ ଠିକଣା ବତେଇଦେଲେ । ସେମାନଙ୍କ ମନରେ ସନ୍ଦେହ ହେବାରୁ ଗାଡି ପଛେ ପଛେ ଚାଲିଲେ । ସୁବୁଦ୍ଧି ଘର ସମ୍ମୁଖରେ ଗାଡି ଅଟକିଲା । ଗାଡିର ଦ୍ୱାର ଖୋଲି ଜଣେ କୋଟ୍ ପେଣ୍ଟ୍ ପିନ୍ଧିଥିବା ଭଦ୍ରବ୍ୟକ୍ତି ବାହାରିଲେ । ତାଙ୍କ ହାତରେ ଜରି ପେପର ମଡା ହୋଇଥିବା ଗୋଟେ ସୁନ୍ଦର ବ୍ୟାଗ୍ ଥାଏ । ଭଦ୍ରବ୍ୟକ୍ତି କଲିଂ ବେଲ୍ ଚିପିଲେ । ସୁବୁଦ୍ଧି ଦ୍ୱାର ଖୋଲି ଜଣେ ଅପରିଚିତ ଭଦ୍ରବ୍ୟକ୍ତିଙ୍କୁ ଦେଖି ଆଶ୍ଚର୍ଯ୍ୟ ହେଉଥାଏ । ଭଦ୍ର ବ୍ୟକ୍ତି ସୁବୁଦ୍ଧି ହାତରେ ବ୍ୟାଗ୍ ଧରାଇ କହିଲେ-ଏଇଟା ତୁମପାଇଁ ଉପହାର । ସୁବୁଦ୍ଧି ହାତଯୋଡି ନମ୍ର ସହକାରେ କହିଲା- ଥ୍ୟାଙ୍କ୍ ୟୁ ସାର ! ମୋତେ ଆଜି ଏତେବଡ଼ ଉପହାର ଦେଇଥିବାରୁ ଅଶେଷ ଧନ୍ୟବାଦ । ବାହାରେ ଠିଆ ହୋଇଥିବା ପିଲାଙ୍କ ମୁହଁରୁ ଫୁସ୍ ଫୁସ୍ ଶବ୍ଦ ଶୁଭୁଥାଏ । ସେମାନେ ବୁଝିପାରୁ ନଥାନ୍ତି ସୁବୁଦ୍ଧି କଣ ଏମିତି କଲା ଯେ ଅଫିସର ଆସି ଉପହାର ଦେଉଛନ୍ତି ! ସେମାନଙ୍କ ମଧ୍ୟରୁ କେହି ଜଣେ କହିଲା-ଆରେ ରୋବର୍ଟ ହେଇଯାଇ ଥିବାରୁ ତାକୁ ଏଭଳି ଆୱାର୍ଡ ମିଳିଛି । ପିଲାମାନଙ୍କ ସନ୍ଦେହ ଦୂର କରିବାକୁ ଭଦ୍ରବ୍ୟକ୍ତି କହିଲେ-ମୁଁ ତୁମକୁ ଧନ୍ୟବାଦ ଦେବା କଥା କିନ୍ତୁ ତୁମେ ମୋତେ ଓଲଟା ଧନ୍ୟବାଦ ଦେଉଛ । ଏତେ ଛୋଟ ବୟସରୁ ସମୟ ସହିତ ତାଳ ଦେଇ ତୁମେ ଯେଉଁ ଡିସିପ୍ଲିନ୍ କାମ କରୁଛ ତାହା ଆମ ଦେଶପାଇଁ ଗର୍ବ ଓ ଗୌରବ । ସାଙ୍ଗମାନେ ଏସବୁ ଦେଖି ମୁହଁ ତଳକୁ କରି ଫେରିବା ବେଳେ ସୁବୁଦ୍ଧି ସେମାନଙ୍କୁ ଅଟକାଇ କହିଲା-ଦେଖ ସାଙ୍ଗମାନେ ! କିଛି ପାଇବାକୁ ହେଲେ ଆମକୁ ସମୟ ପ୍ରତି ରେସ୍ପେକ୍ଟ ଦେବାକୁ ପଡିବ । ପ୍ରତିଟି କାର୍ଯ୍ୟ ସମୟର ହାତ ଧରି କରିପାରିଲେ ନିଶ୍ଚୟ ଦିନେ ମହତ ଲକ୍ଷ୍ୟ ହାସଲ ହୋଇଥାଏ ।

*ସୁଧାଂଶୁ ଶେଖର ଦ୍ୱିବେଦୀ*
*ବିସି-୭୪, ସଲ୍ଟ ଲେକ୍, କଲକତା-୬୪*
*ମୋ-୯୬୮୧୩୭୩୫୧୨*

## କିଏ ଗଢ଼ିଅଛି

ସୂରୁଜ ଚନ୍ଦ୍ରକୁ ଗଢ଼ିଅଛି କିଏ
ମା' ମୋତେ ଦେ କହି
ନହେଲେ ଯେଉଁଥିରେ ସେ ଲେଖା ଅଛି
ଆଣିଦେ ମୋତେ ସେ ବହି ।
ଚନ୍ଦ୍ରର କିରଣ ଶୀତଳ କେ କଲା
ସୂର୍ଯ୍ୟ କିରଣରେ ତାପ
ଜନ୍ମ ସଙ୍ଗେ ମୃତ୍ୟୁ କେ ଯୋଡ଼ିଲା ଯେହ୍ନେ
ଆଶିଷ ସଙ୍ଗତେ ଶାପ ।
କାଉ କଣ୍ଠେ ଦେଲା କା' କା' ରାବ
କୋଇଲି କୁ ମିଠା ସ୍ୱର
ଆଲୁଅକୁ ପୁଣି କିଏ ସେ ଗଢ଼ିଲା
ଯା ସ୍ପର୍ଶେ ଅନ୍ଧାର ଦୂର ।
ଦିନ ରାତି ଗ୍ରହ ନକ୍ଷତ୍ର ମଣ୍ଡଳ
କରିଅଛି କିଏ ସୃଷ୍ଟି
ଋତୁଚକ୍ର ପୁଣି କାହାର ଭିଆଣ
ମେଘରୁ କେ କରେ ବୃଷ୍ଟି ।
ଗଢିଲା କିଏ ସେ ଟିକି ଚଢ଼େଇକୁ
ଉଡ଼ିବାକୁ ଦେଲା ଡେଣା
ଗଛଡାଳେ କିଏ ଫୁଟାଇଲା ଫୁଲ
ବାସ ଯାର ମନ ଜିଣା ।
ସବୁ ଶୁଣି ସାରି ମା କହିଲେ ହସି
ଈଶ୍ୱର ଏ ସବୁ ମୂଳ
ତାଙ୍କ ସୁଦୟାରୁ ହେବୁ ମହାଜ୍ଞାନୀ
ଭାବ ଭକ୍ତି କଲେ ଠୁଳ ।

*ସୁଧାକର ରାଉତ*
*ପ୍ରତାପ ନଗରୀ, କଟକ*
*ମୋ - ୮୨୪୯୯୩୨୭୯୨*

## ।। ଗାଆଁ ।।

ଗାଆଁଟି ଆମର ଅତି ନିଜର
ତା ପରି ଆଉ କାହିଁ,
ଜନମ ନେଇଛୁ ତାର କୋଳରେ
ସଭିଏଁ ଭଉଣୀ ଭାଇ ।

ପହିଲି ସକାଳ ସୁନେଲୀ ଖରା
ଗାଆଁକୁ ଛୁଅଁଇ ନିତି,
ନୂଆ ପୋଷାକରେ ଦିଶେ ସୁନ୍ଦର
ଗାଏ ସେ ସପନ ଗୀତି ।

ଗାଆଁ ଦାଣ୍ଡ ଧୂଳି ଅତି ନିଜର
ଖେଳୁଥାଉ ବୋଳିହୋଇ,
କୋଳେଇ ନିଏ ମାଆ ପରିକା
ସେ ପରା ସରଗ ଭୂଇଁ ।

ପୁଣ୍ୟ ତୀର୍ଥ ଆମ ଗାଆଁ ମନ୍ଦିର
ତା ପାଶେ ନିଇତି ଯାଉ,
ଦିଅଁଙ୍କ ଚରଣେ ପ୍ରାର୍ଥନା କରି
ଆଶିଷ ଯେ ମାଗୁଥାଉ ।

ଭଜନ କୀର୍ତ୍ତନ ପାଲା ପୁନେଇଁ
ଆମରି ଗାଆଁରେ ହୁଏ,
କଳା ସଂସ୍କୃତିର ମହା ପରବ
ସବୁରି ପରାଣ ଛୁଏଁ ।

ପିତାମାତା ପରି ଯେତେ ଅଛନ୍ତି
ଗାଆଁ ଗୁରୁଜନ ମାନ,
ସବୁ ଜଣେ ଜଣେ ମୋତି ମାଣିକ
ତାଙ୍କରି ଅମୂଲ୍ୟ ଦାନ ।

ଗାଆଁ ପୋଖରୀ ସେ ପଦୁଅଁ ଫୁଲ
ଆହା କି ଦିଶେ ସୁନ୍ଦର,
ସବୁଜ କ୍ଷେତ ଓ ବଣ ପାହାଡ଼
ଆମରି ପ୍ରକୃତି ଘର ।

ଗାଆଁ ଅଛି ବୋଲି ସାରା ସଂସାରେ
ଆମ ପରିଚୟ ଜଣା,
ତା କୋଳ ମମତା ପୁଣ୍ୟ ଚନ୍ଦନ
କରେନାହିଁ ବାଟବଣା ।

*ସୁଜିତ କୁମାର ମିଶ୍ର*
*ଜନାର୍ଦ୍ଦନପୁର ଶାସନ*
*କେନ୍ଦୁଝର*
*୭୬୮୩୮୬୭୭୪୨*

## ଉତ୍କଳ ଦିବସ ଶପଥ ପରେ

ଉତ୍କଳ ଦିବସେ ଆମେ
ଶପଥ ଯେ କରିଲେ
ମାତୃଭାଷାରେ ଲେଖିବୁ
କଲମକୁ ଧରିଲେ ।
ଓଡ଼ିଆରେ କଥା ହେବା
ଏହା ଆମ କର୍ତ୍ତବ୍ୟ
ଏହା ଭୁଲିଯିବା ଅଟେ
ଅପରାଧ ଧର୍ତ୍ତବ୍ୟ ।
ମାତୃଭାଷା ଭାରି ମିଠା
ମାଆ ତୁଣ୍ଡ ଭାଷାଟି
ଭାଷା ଉନ୍ନତି କରିବା
ଏହା ଅଟେ ଆଶାଟି ।
ଭାଷା ଭିତ୍ତିକ ରାଇଜ
ଆମ ରାଜ୍ୟ ଅଟଇ
ଖଣ୍ଡଖଣ୍ଡ କରିବାନି
ଆମ ତୁଣ୍ଡ ରଟଇ ।
ଅଖଣ୍ଡତା ରଖିବାଟା
ଅଟେ ଆମ ଧରମ
ରାଜ୍ୟ ପାଇଁ କରିଯିବା
ଭଲଭଲ କରମ ।
ଆମ ଭାଷାଭାଷୀ ଅଛି
ଯେତେ ଗୁଡ଼େ ଅଞ୍ଚଳ
ଏକତ୍ରିକରଣ କାର୍ଯ୍ୟ
କର ମିଶି ଚଞ୍ଚଳ ।
ଇତିହାସେ ପଢ଼ିଅଛେ
ଉତ୍କଳର ଗୌରବ
ବିଶାଳ ସାମ୍ରାଜ୍ୟ ତା'ର
କୀର୍ତ୍ତିମାନ ସୌରଭ ।
ଓଡ଼ିଶାକୁ ବିଖଣ୍ଡିତ
କଳା ଗୋରା ଶାସନ
ଦମ୍ଭରେ ବସିଲା ସିଏ
ଆପଣାର ଆସନ ।
ଭାଷାପ୍ରେମୀ , ଜାତିପ୍ରେମୀ
ଏକମତ ହୋଇଲେ
ଯୁକ୍ତିଯୁକ୍ତ ତଥ୍ୟ ଦେଇ
ଶାସକଙ୍କୁ ବୋଇଲେ ।
ବହୁ କଷ୍ଟ ସ୍ୱୀକାରରେ
ଓଡ଼ିଶାର ଗଠନ
ଭାଷାଭିତ୍ତିକ ରାଇଜେ
ମାତୃଭାଷା ପଠନ ।
ସ୍ୱତନ୍ତ୍ର ପ୍ରଦେଶ ହେଲା
ଆଣିଦେଲା ଗରବ
ବିବିଧତା ସତ୍ତ୍ୱେ ଆମେ
ଗର୍ବ କଲୁ ସରବ ।
ଆମେ ଯେତେ କୁନିପିଲା
ଓଡ଼ିଆରେ ପଢିବା
ମାତୃଭାଷାରେ ଲେଖିବା
ଆମ ରାଜ୍ୟ ଗଢିବା ।
କଥାବାର୍ତ୍ତା ହେବା ଆମେ
ଓଡ଼ିଆରେ ଖୁସିରେ
ପଛଘୁଞ୍ଚା ଦେବାନାହିଁ
ବସିବାନି ରୁଷିରେ ।
ଉତ୍କଳୀୟ ବୋଲି ଆମେ
ମନେ ଗର୍ବ ଭରିବା
ପ୍ରତିଜ୍ଞା କରିଛେ ଆମେ
ରାଜ୍ୟ ହିତ କରିବା ।

*ନିରଞ୍ଜନ ସାହୁ*
*ନିହଲ ପ୍ରସାଦ, ଗଁଦିଆ ପାଟଣା*
*ଢେଙ୍କାନାଳ-୭୫୯୦୧୬*
*ମୋ- ୯୯୩୮୭୪୧୫୮୩*

## ଖରାପ ନୁହେଁ ଖରା

ଖରା ନୁହେଁ ସଦା ଶତ୍ରୁ ଆମର
ମନରେ ନଆଣ ତା'ପାଇଁ ଡର,
ଧରା ପରେ ଖରା ନିଇତି ଆସେ
ତା'ପାଇଁ କି ସିନା ସକାଳ ହସେ ।
ଖାଦ୍ୟସାର ଡି ଖରାରେ ଥାଏ
ଦେହକୁ ଆଦରେ ପରଶି ଦିଏ,
ତେବେ ସିନା ଆମେ ସୁସ୍ଥ ସବଳ
କୁହ ଖରା କିବା ସର୍ବଦା କାଳ !!
ଖରା ଯୋଗୁଁ ଜଳ ବାଷ୍ପ ହୁଅଇ
ଆକାଶରେ ମେଘ ଖଣ୍ଡ ଭାସଇ,
ବର୍ଷା ରୂପ ନେଇ ପଡଇ ଖସି
ଉତ୍ତପ୍ତ ଧରାକୁ ଫେରଇ ଖୁସି ।।
ବର୍ଷା ପାଣି ପାଇ କ୍ଷେତ ସରସ
ଚାଷୀର ମୁହଁରେ ଫୁଟଇ ହସ,
ଖୁସିରେ ଫସଲ ଅମଳ କରେ
ଖରା କିବା ନୁହେଁ ଭଲ ସତରେ !!
ଶୀତ ଯେବେ ଆସେ ଥରଇ ଧରା
କିଏ ବା ଖୋଜେନା ସକାଳୁ ଖରା,
ଖରା ପାଇ ପତ୍ର ଖାଦ୍ୟ ରାନ୍ଧଇ
ବଡ଼ ହୋଇ ବୃକ୍ଷ ଫଳ ଯାଚଇ ।।
ପାଣି ଓ ଉତ୍ତାପେ ଫୁଟଇ ବୀଜ
ଖରା ଉପକାର ମନରେ ହେଜ,
ତା ପାଇଁକି ଜଳଚକ୍ର ସମ୍ଭବ
ତିଷ୍ଠିଛନ୍ତି ପରା ସମସ୍ତ ଜୀବ ।।
ଗ୍ରୀଷମେ ଖରା ଟା ଲାଗଇ ଟାଣ
ସାବଧାନ ଲୋଡା ତା'ପାଇଁ ଜାଣ,
ଖରା ଦିଏ ନାହିଁ ସର୍ବଦା କଷ୍ଟ
ଜଗତ ମଙ୍ଗଳ ତା'ର ଉଦ୍ଦେଶ୍ୟ ।।

*ସୁଦର୍ଶନ ମହାପାତ୍ର*
*କୁଞ୍ଜବିହାରୀ ଲେନ, କଟକ*

## ଭାଷା ମାଆଟିଏ ପରି

ଭାବ ପ୍ରକାଶର ସୁନ୍ଦର ମାଧମ
ଭାଷା ମାଆଟିଏ ପରି
କହିଲେ ସେବଞ୍ଚେ ନକହିଲେ ହଜେ
ଭାଷା ନଈ ସୁଅ ଭଳି ।
ଆନକୁ ବୁଝିବା ପାଇଁ ଲୋଡ଼ାଥାଏ
ଭାବବୋଲା ମିଶା ଭାଷା
ଶବ୍ଦ ଅକ୍ଷରର ବାକ୍ୟ ସାହାଯ୍ୟରେ
ବୁଝିହୁଏ କଥାଭାଷା ।
କେତେ ଜଳାଧାର ଏକ ହୋଇ ଠୁଳ
ନେଇଥାନ୍ତି ନଈ ରୂପ
ଭାଷା ସେଇମିତି ଗତିରେ ହିଁ ସ୍ଥିତି
ଭାଷା ନଈ ଅନୁରୂପ ।
ଆମ ସଂସ୍କୃତିରେ ନଈ ମଧ ମାଆ
ପୂଜନୀୟା ବନ୍ଦନୀୟା
ନଈ ଭଳିଭାଷା ହେଲେ ଚିରସ୍ରୋତା
ଲୋକମୁଖେ ସ୍ମରଣୀୟା ।
ମାଟି ମାଆ ଭଳି ଭାଷା ମାଆଟିଏ
ଭାଷାର ଆଦର କରି
ଭଲ ପାଇ ତାକୁ ତା' ଯତନ ନେଲେ
ଭାଷା ବଞ୍ଚେ ଗଛ ପରି ।
ମାଆ ମାଟି ଭାଷା ସବୁଠୁ ସରସା



ଚେରଲଗା ଗଛଟିଏ
ସେ ଭାଷା ବଢ଼ିଆ ଯେମିତି ଓଡ଼ିଆ
ଭାଷା ଆମ ମାଆ ସିଏ ।
ଆମେରେ ଓଡ଼ିଆ କହିବା ଓଡ଼ିଆ
ଓଡ଼ିଆକୁ ଭଲ ପାଇ
ଭାଷାମାଆ ସେବା ତହିଁ ମନ ଦେବା
ସବୁଦିନ କାଳ ପାଇଁ ।

*ଧ୍ରୁବ ଚରଣ ଘିବେଲା*
*ବଉଦରାଜ, ଜି. ବୌଦ୍ଧ*
*ମୋ.୯୪୩୭୪୭୮୪୬୬*

# ରାଜନୀତିକ ଦଳଗୁଡ଼ିକ ସହ ନିର୍ବାଚନ ଆୟୋଗର ସମ୍ପର୍କ ଅଭିଯାନ

**ସୁନ୍ଦରଗଡ଼:** ଭାରତୀୟ ନିର୍ବାଚନ କମିଶନ ସାରା ଦେଶରେ ନିର୍ବାଚନ ପଞ୍ଜିକରଣ ଅଧିକାରୀ, ଜିଲ୍ଲା ନିର୍ବାଚନ ଅଧିକାରୀ ଏବଂ ମୁଖ୍ୟ ନିର୍ବାଚନ ଅଧିକାରୀ ସ୍ତରରେ ରାଜନୈତିକ ଦଳଗୁଡ଼ିକ ସହିତ ସଂଚରିତ ସମ୍ପର୍କରେ ଏକ ଶୃଙ୍ଖଳା ପରିଚାଳନା କରିଥିଲେ। ୨୫ ଦିନ ମଧ୍ୟରେ ଏବଂ ୩୧ ମାର୍ଚ୍ଚ ୨୦୨୫ ସୁଦ୍ଧା , ମୋଟ ୭୧୯ ବୈଠକ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ୪୦ ଜନ ମୁଖ୍ୟ ନିର୍ବାଚନ ଅଧିକାରୀ, ୮୦୦ ଜନ ଜିଲ୍ଲା ନିର୍ବାଚନ ଅଧିକାରୀ ଏବଂ ୩୮୭୯ ନିର୍ବାଚନ ପଞ୍ଜିକରଣ ଅଧିକାରୀଙ୍କ ବୈଠକ ଅନୁଷ୍ଠିତ ହୋଇଥିଲା। ଯେଉଁଥିରେ ଦେଶ ବ୍ୟାପି ୨୮,୦୦୦ ରୁ ଅଧିକ ରାଜନୈତିକ ଦଳର ପ୍ରତିନିଧି ସାମିଲ ହୋଇଥିଲେ। ଏହି ବୈଠକ ଗୁଡ଼ିକ ନୂଆଦିଲ୍ଲୀଠାରେ ମାର୍ଚ୍ଚ ୪ ଓ ୫, ୨୦୨୫ ରେ ଅନୁଷ୍ଠିତ ମୁଖ୍ୟ ନିର୍ବାଚନ ଅଧିକାରୀ ସମ୍ମିଳନୀ ରେ ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ଜ୍ଞାନେଶ କୁମାରଙ୍କ ସହିତ ନିର୍ବାଚନ କମିଶନର ଡ଼ା ସୁଖବୀର, ସିଂହ ସାନ୍ଧୁ ଏବଂ ଡ଼ା ବିବେକ ଯୋଶୀଙ୍କ ଦ୍ୱାରା ଜାରି ନିର୍ଦ୍ଦେଶ ଅନୁଯାୟୀ ଅନୁଷ୍ଠିତ ହୋଇଥିଲା।ଜନପ୍ରତିନିଧିତ୍ୱ ଆଇନ ୧୯୫୦ ଏବଂ ୧୯୫୧, ଭୋଟର ପଞ୍ଜିକରଣ ନିୟମ ୧୯୬୦, ନିର୍ବାଚନ ଆଚରଣ ନିୟମ ୧୯୬୧ ଏବଂ ସମୟ ସମୟ ରେ ଭାରତୀୟ ନିର୍ବାଚନ କମିଶନ ଦ୍ୱାରା ଜାରି ହୋଇଥିବା ମାନୁଆଲ, ନିର୍ଦ୍ଦେଶାବଳୀ ଏବଂ ନିର୍ଦ୍ଦେଶାବଳୀ ର ବିଦ୍ୟମାନ ଆଇନଗତ ଢାଂଚା ମଧ୍ୟରେ ସକ୍ଷମ କର୍ତ୍ତୃପକ୍ଷ ଯଥା ନିର୍ବାଚନ ପଞ୍ଜିକରଣ ଅଧିକାରୀ, ଜିଲ୍ଲା ନିର୍ବାଚନ ଅଧିକାରୀ କିମ୍ବା ମୁଖ୍ୟ ନିର୍ବାଚନ ଅଧିକାରୀ ଦ୍ୱାରା ଯେକୌଣସି ବିଚାରାଧୀନ ସମସ୍ୟା ର ସମାଧାନ କରିବା ପାଇଁ ଏହି ବୈଠକ ଗୁଡ଼ିକର ଲକ୍ଷ୍ୟ। ଅଧିକ ମୂଲ୍ୟାଙ୍କନ ପାଇଁ ସମସ୍ତ ରାଜ୍ୟ/ କେନ୍ଦ୍ର ଶାସିତ ଅଂଚଳ ଗୁଡ଼ିକର ମୁଖ୍ୟ ନିର୍ବାଚନ ଅଧିକାରୀ ମାନଙ୍କ ଠାରୁ ଏକ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ମଗା ଯାଇଅଛି ଏବଂ ଯଦି ବିଦ୍ୟମାନ ଆଇନଗତ ଢାଂଚା ମଧ୍ୟରେ ସମାଧାନ ନହୁଏ, ତେବେ କମିଶନ ଦ୍ୱାରା ବିଚାର କରାଯିବ। ବିଧାନସଭା ନିର୍ବାଚନ ମଣ୍ଡଳୀ, ଜିଲ୍ଲା ଏବଂ ରାଜ୍ୟ/ କେନ୍ଦ୍ର ଶାସିତ ଅଂଚଳ ଗୁଡିକରେ ସକ୍ରିୟ ଏବଂ ଉତ୍ସାହୀ ଅଂଶଗ୍ରହଣ ସହିତ ଏହି ଆଲୋଚନା ଗୁଡ଼ିକୁ ରାଜନୈତିକ ଦଳ ଗୁଡିକ ଦ୍ୱାରା ଭଲ ଭାବରେ ଗ୍ରହଣ କରାଯାଇଅଛି।

# ୩୦୦ ୟୁନିଟ୍ ମାଗଣା ବିଜୁଳି ଦାବିରେ ସିପିଆଇର ବିକ୍ଷୋଭ

**ଜୟପୁର:** ସିପିଆଇ କର୍ମୀ ମାନେ ବିଦ୍ୟୁତ୍ ବିଭାଗ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଆଜି ଦାବି ପତ୍ର ପ୍ରଦାନ କରିଛନ୍ତି। ସିପିଆଇର କର୍ମୀ ଓ ନେତା ମାନେ ଦଳୀୟ ପତକା ଧରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହି ଦାବି ପତ୍ର ରେ ଦର୍ଶାଇଛନ୍ତି ଯେ , ସରକାର ନିର୍ବାଚନ ସମୟରେ ଦେଇଥିବା ପ୍ରତିଶୃତି ଅନୁସାରେ ପ୍ରତ୍ୟେକ ବିଦ୍ୟୁତ୍ ଉପଭୋକ୍ତାଙ୍କୁ ୩୦୦ ୟୁନିଟ୍ ମାଗଣା ବିଜୁଳି ଯୋଗାଇ ଦିଅନ୍ତୁ,ଟାଟା ପାୱାର ସ୍ମାର୍ଟ ମିଟର ବସାଇ ଉପଭୋକ୍ତାଙ୍କୁ କରୁଥିବା ଶୋଷଣ ବନ୍ଦ ହେଉ, ବିଜୁଳି ଦର ବୃଦ୍ଧି ବନ୍ଦ କର, ଚାଷ ଓ ଅନ୍ୟ ଆନୁଷଙ୍ଗିକ କ୍ଷେତ୍ରକୁ ମାଗଣାରେ ବିଜୁଳି ଯୋଗାଇ ଦିଅ, ବିଜୁଳି ବିଲ୍ ଓଡ଼ିଆ ଭାଷାରେ ଗ୍ରାହକ ମାନଙ୍କୁ ଦିଆଯାଉ ଏବଂ ନିଯୁକ୍ତି କ୍ଷେତ୍ରରେ ସ୍ଥାନୀୟ ବେକାର ଯୁବକ ଯୁବତୀଙ୍କୁ ସୁଯୋଗ ଦିଆଯାଉ । ଦାବି ପୂରଣ ନହେଲେ ଆନ୍ଦୋଳନ ବ୍ୟାପକ ହେବ ବୋଲି ଚେତାବନୀ ଦିଆଯାଇଛି ଓ ଆଜିର ବିକ୍ଷୋଭ ରେ ଉତ୍ତମ ମଲ୍ଲିକ,ନନ୍ଦ ହରିଜନ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ଘରେ ପଶି ବନ୍ଧୁକ ମୁନରେ କୋଟି କୋଟି ଟଙ୍କାର ସୁନା ଗହଣା ଲୁଟ୍

**ଖଇରା:** ଗତକାଲି ବିଳମ୍ବିତ ରାତିରେ ଖଇରା ଥାନା ଅଧୀନ ପ୍ରହରାଜପୁର ଗ୍ରାମର ସଞ୍ଜୟ କୁମାର ସାହୁଙ୍କ ଘରେ ୫ ଜଣ ଦୁର୍ବୃତ୍ତ ପଶି ଏକ କୋଟି ଟଙ୍କାର ସୁନା ଗହଣା ଲୁଟ କରିଛନ୍ତି। ଏନେଇ ଖଇରା ଥାନାରେ ଅଭିଯୋଗ ପରେ ଖଇରା ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

ସୂଚନା ମୁତାବକ, ସଞ୍ଜୟଙ୍କର ତୁଡିଗଡ଼ିଆ ବଜାରରେ ଏକ ଗହଣା ଦୋକାନ ଅଛି। ପ୍ରତିଦିନ ରାତିରେ ଦୋକାନ

**ଥାନାରେ ଅଭିଯୋଗ ପରେ ଘଟଣାର ତଦନ୍ତ ଆରମ୍ଭ**

ବନ୍ଦ କରି ସମସ୍ତ ଗହଣା ଓ ଟଙ୍କାକୁ ନେଇ ସେ ଘରକୁ ଆସନ୍ତି ।ତେବେ ଗତକାଲି ରାତି ୨:୩୦ ମିନିଟ ସମୟରେ ଦୁର୍ବୃତ୍ତମାନେ ତାଙ୍କ ଘରର ଦୁଇଟି ଗ୍ରିଲ ଏବଂ ଏକ କବାଟ ଭାଙ୍ଗି ଘର ଭିତରକୁ ପଶିଥିଲେ। ମୁହଁରେ କପଡା ଘୋଡ଼ାଇ ସଞ୍ଜୟଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ନିସ୍ତୁକ ମାଡ଼ ମାରିଥିଲେ । ଏହି ସମୟରେ ତାଙ୍କ ମା, ସ୍ତ୍ରୀ ଓ ଝିଅ ପାଟି କରିବାରୁ ତାଙ୍କୁ ପିଟିବା ସହ ଗହଣା ଓ ଟଙ୍କା ନଦେଲେ ତାଙ୍କୁ ଜୀବନରୁ ମାରି ଦେବାକୁ ଧମକ ମଧ୍ୟ ଦେଇଥିଲେ। ପରେ ସମସ୍ତଙ୍କ ହାତ ଗୋଡ଼ ବାନ୍ଧି ଏକ ଘର ଭିତରେ ପୁରାଇ ବାହାରୁ ଦୁର୍ବୃତ୍ତମାନେ କବାଟ ଦେଇଦେଲେ।

ଘରେ ଥିବା ଗୋଟେ ସୁନାହାର, ରାଣୀହାର, ଲକେଟ,



କାନ ଚେନ, ୪ ହଳ ସୁନା କାନ ଫୁଲ, ୩ଟି ସୁନା ଚେନ, ୪ଟି ସୁନା ମୁଦି, ୪ ହଳ ସୁନା ପଲା ସହ ସଞ୍ଜୟଙ୍କ ଦୋକାନ ଜିନିଷ ୭ ସହ ରୁ ୮ ଶହ ଗ୍ରାମ ସୁନା, ଏକ କେଜି ରୁପା ଓ ନଗଦ ଏକ ଲକ୍ଷ ଟଙ୍କା ଦୁର୍ବୃତ୍ତମାନେ ଲୁଟ୍ କରିଥିଲେ। ତେବେ ଏନେଇ ଖଇରା ଥାନା ଦାୟିତ୍ୱରେ ଥିବା ଔପଦା ଥାନା ଅଧିକାରୀ ପ୍ରମୋଦ କୁମାର ଦାସ ପ୍ରକାଶ କରିଛନ୍ତି ଘଟଣା ସ୍ଥଳକୁ ନୀଳଗିରି ଏସଡିପିଓ, ସାଇଣ୍ଟିଫିକ ଟିମ ଓ ଡଗ ସ୍କ୍ୱାଡ ତଦନ୍ତ ପାଇଁ ଆସୁଛନ୍ତି। ସ୍ଥାନୀୟ ଅଞ୍ଚଳରେ କେହି ଏଥିରେ ସାମିଲ ଥିବାର ପୁଲିସର ସନ୍ଦେହ ହୋଇ ଥିବାବେଳେ ଖୁବ ଶୀଘ୍ର ଅପରାଧୀଙ୍କୁ କାବୁ କରିବାରେ ପୋଲିସ ସକ୍ଷମ ହେବ ।

# ସ୍କୁଲ ହଷ୍ଟେଲରେ ରାଗିଂ ଅଭିଯୋଗ

## ହାତକୁ ବ୍ଲେଡ୍‌ରେ କାଟିଲେ, କ୍ଷତ ସ୍ଥାନରେ ଲୁଣ ମାରିଲେ !

**ଛାତ୍ର ଜଣକ ତାଙ୍କ ପରିବାର ଲୋକଙ୍କୁ ଜଣାଇବା ପରେ ଛାତ୍ରଙ୍କର ବାପା ଏ ନେଇ ଖୁଣ୍ଟା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୋଗକୁ ଆଧାର କରି ପୋଲିସ ତଦନ୍ତ ଆରମ୍ଭ କରିଛି ।**




**ଉଦଳା:** ସ୍କୁଲ ହଷ୍ଟେଲରେ ରାଗିଂ ଅଭିଯୋଗ ।ଷଷ୍ଠ ଶ୍ରେଣୀ ଛାତ୍ରଙ୍କୁ ବ୍ଲେଡରେ କାଟିଲେ । ଆଉ କ୍ଷତରେ ଲୁଣ ମାରି ବନ୍ଦ କଠୋରୀରେ ଦେଲେ ନିର୍ଯାତନା । ମୟୁରଭଞ୍ଜ ଜିଲ୍ଲା ଖୁଣ୍ଟା ଥାନା ବାସିପିଠା ଏସଏସଡି ହାଇସ୍କୁଲରୁ ଆସିଛି ଏଭଳି ସାଙ୍ଘାତିକ ଅଭିଯୋଗ ।

ସୂଚନାଯୋଗ୍ୟ ଯେ, ବିଦ୍ୟାଳୟ ହଷ୍ଟେଲରେ ରହୁଥିବା ବାରିପଦା ଭୁଗୁଡାକଟା ଅଞ୍ଚଳର ଷଷ୍ଠ ଶ୍ରେଣୀ ଛାତ୍ରଙ୍କୁ ହଷ୍ଟେଲରେ ରହୁଥିବା ନବମ ଶ୍ରେଣୀ ଛାତ୍ରମାନେ ରାଗିଂ କରିଛନ୍ତି । ନବମ ଶ୍ରେଣୀ ଛାତ୍ରମାନେ ବସି ହଷ୍ଟେଲରେ ମଦ ପିଉଥିବା ଅବସ୍ଥାରେ ଏହି ଷଷ୍ଠ ଶ୍ରେଣୀ ଛାତ୍ର ଜଣକ ଦେଖିଦେଇଥିଲେ । ଏ ନେଇ ବିଦ୍ୟାଳୟ ପ୍ରଧାନଶିକ୍ଷକଙ୍କୁ ଜଣାଇଥିଲେ । ପରେ ନବମ ଶ୍ରେଣୀ ଛାତ୍ରମାନେ ତାଙ୍କୁ ପରଦିନ ଏକ ରୁମ୍ ଭିତରେ ଅଟକାଇବା ସହିତ ଲୁହା ରଡ଼ରେ ମାଡ଼ ମାରିଥିଲେ । କେବଳ ସେତିକି ନୁହେଁ ବିଧା, ଗୋଇଠା ମାରିବା ସହିତ ବ୍ଲେଡରେ ହାତ କାଟିଥିଲେ । ସେହି କଟା ଯାଇଥିବା ସ୍ଥାନରେ ଲୁଣ ମାରି ନିର୍ଯାତନା ଦେଇଥିଲେ । ଛାତ୍ରମାନେ ଛୁରୀ ଦେଖାଇ ତାଙ୍କୁ ଜୀବନରୁ ମାରିଦେବାକୁ ଧମକ ମଧ୍ୟ ଦେଇଥିଲେ । ଏ ନେଇ ଛାତ୍ର ଜଣକ ତାଙ୍କ ପରିବାର ଲୋକଙ୍କୁ ଜଣାଇବା ପରେ ଛାତ୍ରଙ୍କର ବାପା ଏ ନେଇ ଖୁଣ୍ଟା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୋଗକୁ ଆଧାର କରି ପୋଲିସ ତଦନ୍ତ ଆରମ୍ଭ କରିଛି ।

# ଡୁଙ୍ଗୁରିପାଲି ବ୍ଲକରେ ଗଡିଲା ଶିକ୍ଷା ସଚେତନତା ରଥ

**ସୁବର୍ଣ୍ଣପୁର:** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକର ବିଭିନ୍ନ ଗାଁରେ ଶିକ୍ଷା ସଚେତନତା ରଥ ଗଡିଛି । ପ୍ରଥମେ ରାମପୁର ନୋଡାଲ ଉଚ୍ଚ ବିଦ୍ୟାଳୟରେ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ ଅବସରରେ ବିଦ୍ୟାଳୟରେ ସମ୍ମୁଖରେ ଶିକ୍ଷା ସଚେତନତା ରଥକୁ ମୁଖ୍ୟ ଅତିଥିଭାବରେ ବରିଷ୍ଠ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଗଞ୍ଜଲୁ ମିର୍ଦ୍ଧା ଫିତା କାଟି ଶୁଭାରମ୍ଭ କରିଥିଲେ । ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ରଥକୁ ସ୍ୱାଗତ କରିବା ସହ ରାମପୁର ଗ୍ରାମ ପରିକ୍ରମା କରାଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହୋସିୟା ଛତ୍ରିଆ, ଶିକ୍ଷକ ଉମାକାନ୍ତ ତ୍ରିପାଠୀ, ବିଭୁତି ଭୂଷଣ ରଥ, ଚୌହାନ କୁମାର ଦାଶ, ବିଶ୍ୱଜିତ ସା, ଶିକ୍ଷୟିତ୍ରୀ ତରଙ୍ଗିନୀ ମହାପାତ୍ର, ସୁଜାତା ସାହୁ, ରେଣୁକା ଦାଶ, ରୀନା ବାଗ, ନମିତା ସାହୁ, ବବିତା ମେହେର, ସରୋଜ ଦାସିଆ ଓ ପ୍ରଶାନ୍ତ ବାବୁ ସହଯୋଗ କରିଥିବା ବେଳେ ଶିକ୍ଷକ ସୁଧୀର ଗଡତିଆ ସଂଯୋଜନା କରିଥିଲେ ଏବଂ କୁଶ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ରାମପୁର ସିଆରସିସି ପ୍ରଦୀପ୍ତ କିଶୋର ଦାଶ, ମାୟାବର୍ହା ସିଆରସିସି ସୌରଭ ସାହୁ ଉପସ୍ଥିତ ରହି ସମସ୍ତଙ୍କୁ ଉତ୍ସାହିତ କରିଥିଲେ । ବାଳିକା ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ନିରୁପମା ପାଣିଗ୍ରାହୀ, ଶିକ୍ଷୟିତ୍ରୀ ସଂଗୀତା ବେହେରା, ଅରୁଣା ମେହେର ଓ ସମସ୍ତ ଛାତ୍ରୀ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ତାପରେ ମାୟାବର୍ହା, ବେହେରାମାଲ, ସମଲେଇଚୁଆଁ କ୍ଲଷ୍ଟରର ବିଭିନ୍ନ ବିଦ୍ୟାଳୟରେ ଏହାକୁ ସ୍ୱାଗତ କରାଯିବା ସହ ପ୍ରବେଶ ଉତ୍ସବ, ଖଡ଼ିଛୁଆଁ ପାଇଁ ଜନସଚେତନତା ସୃଷ୍ଟି କରି ସଭିଏଁ ସ୍କୁଲ ଯିବାର ବାର୍ତ୍ତାରେ ପ୍ରତିଧ୍ୱନିତ ହୋଇଥିଲା । ଅଇଁଲାସାରୀ ଗାଁରେ ତାଳ, ଖୋଳ, ସମ୍ପ୍ରଦା ସହିତ ଗ୍ରାମ ପରିକ୍ରମା କରାଯାଇଥିଲା ।

# ଗୁରୁକୁଳ ପବ୍ଲିକ ସ୍କୁଲ ଫାଟକ ଆଗରେ ଅଭିଭାବକଙ୍କ ଧାରଣା

**ଧର୍ମଶାଳା:** ଯାଜପୁର ଜିଲା ଧର୍ମଶାଳା ବ୍ଲକ ହରିଦାସପୁରସ୍ଥିତ ଗୁରୁକୁଳ ପବ୍ଲିକ ସ୍କୁଲରେ ଗୁଣାତ୍ମକ ଶିକ୍ଷା, ତାଲିମ ପ୍ରାପ୍ତ ଶିକ୍ଷକ ନିଯୁକ୍ତି ସହ ବର୍ଦ୍ଧିତ ସ୍କୁଲ ଫି ହ୍ରାସ ଦାବିରେ ଆଜି ଅଭିଭାବକମାନେ ସ୍କୁଲ ଫାଟକ ସମ୍ମୁଖରେ ପ୍ରତିବାଦ କରିଥିଲେ। ସକାଳ ୭ ଟା ଠାରୁ ମଧ୍ୟାହ୍ନ ୧୨ ଟା ପର୍ଯ୍ୟନ୍ତ ଅଭିଭାବକମାନେ ପ୍ରତିବାଦ ସ୍ୱରୁପ ସ୍କୁଲ ଫାଟକ ସମ୍ମୁଖରେ ଧାରଣାରେ ବସିଥିଲେ ମଧ୍ୟ ସ୍କୁଲ କତୃପକ୍ଷ ଅଭିଭାବକ ମାନଙ୍କ ନିକଟକୁ ଆଲୋଚନା କୁ ଆସିନଥିଲେ। ଧାରଣା ସମୟ ରେ ସ୍କୁଲ ପାଠ ପଢା ରେ ଅଭିଭାବକ ମାନେ କୌଣସି ପ୍ରତିବନ୍ଧକ ସୃଷ୍ଟି କରି ନଥିଲେ। ଏହା ପରେ ସେମାନେ ଯାଜପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମେତ ଜିଲ୍ଲା ଶିକ୍ଷାଧିକାରୀ ଓ ବ୍ଲକ ଶିକ୍ଷାଧିକାରୀ ଙ୍କୁ ଭେଟି ଦାବି ପତ୍ର ପ୍ରଦାନ କରିଥିଲେ। ସ୍କୁଲ କର୍ତୃପକ୍ଷ ସେମାନଙ୍କ ଦାବି ସମ୍ପର୍କ ରେ ଆଲୋଚନା ନକରିବା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ଅଭିଭାବକ ମାନେ ଚେତାବନୀ ଦେଇଛନ୍ତି।

ଏହି ସ୍କୁଲରେ ଦିନକୁ ଦିନ ଶିକ୍ଷା ବ୍ୟବସ୍ଥା ନିମ୍ନଗାମୀ ହେବାକୁ ଯାଉଛି। ଶିକ୍ଷାକୁ ବ୍ୟବସାୟୀକରଣରେ ପରିଣତ କରୁଛନ୍ତି। ଉତମ ଭିତଭୂମି ସତ୍ୱେ ତାଲିମ ପ୍ରାପ୍ତ ଶିକ୍ଷକ ଅଭାବରୁ ପିଲାମାନଙ୍କୁ ଗୁଣାତ୍ମକ ଶିକ୍ଷା ମିଳୁ ନାହିଁ। ବାର୍ଷିକ ଓ ମାସିକ ସ୍କୁଲ ଫି ହଜାର ହଜାର ଟଙ୍କା ଦେବ ସତ୍ୱେ ପିଲାମାନଙ୍କୁ ଗୁଣାତ୍ମକ ଶିକ୍ଷା ଦିଆଯାଉ ନାହିଁ। ସେମାନଙ୍କ ସୈକ୍ଷିକ ବିକାଶ ଘଟୁ ନାହିଁ। ସେହିପରି ବାର୍ଷିକ ସ୍କୁଲ ଫି ଓ ରି ଆଡ୍‌ମିଶନ ଫି ମଧ୍ୟ ୧୦ ରୁ ୧୫ ପ୍ରତିଶତ ବୃଦ୍ଧି କରାଯାଉଛି । ଯାହାକି ଜଣେ ସାଧାରଣ ଓ ମଧ୍ୟବିତ ପରିବାର ପାଇଁ ଦେବା ସମ୍ଭବ ନୁହେଁ। ଆଜିର ଏହି ପ୍ରତିବାଦରେ ସୁନିଲ କୁମାର ରାଉତରାୟ, ଦିବାକର ବେହେରା, ଅଜୟ କୁମାର ସାହୁ, ମାନସ ବିଶ୍ୱାଳ, ସୁକାନ୍ତ କୁମାର ସ୍ୱାଇଁ, ଦେବାଶିଷ କର, ଶୁଭାଶିଷ ଦାସ, ପ୍ରଶାନ୍ତ ରାଉତ, ଜୀବଦାନନ୍ଦ ପରିଡ଼ା, ମନୋରଞ୍ଜନ ସାହୁ ଓ ମାନସ ରଞ୍ଜନ ପାତ୍ରଙ୍କ ସମେତ ଶତାଧିକ ଅଭିଭାବକ ସାମିଲ ହୋଇଥିଲେ।

# କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ସାମ୍ବାଦିକତା ଛାତ୍ରଛାତ୍ରୀଙ୍କର ରେଡ଼ିଓ ଢେମସା ପରିଦର୍ଶନ

**ଜୟପୁର:** ଓଡ଼ିଶାର କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ସାମ୍ବାଦିକତା ଏବଂ ଗଣ ଯୋଗାଯୋଗ ବିଭାଗର ଛାତ୍ର-ଛାତ୍ରୀ ମାନେ ସୋଭା (ଦକ୍ଷିଣ ଓଡିଶା ସ୍ୱେଚ୍ଛାସେବୀ ସଂଘ) ଏନଜିଓ ଦ୍ୱାରା ପରିଚାଳିତ ଏକ କମ୍ୟୁନିଟି ରେଡିଓ ଷ୍ଟେସନ୍ ରେଡିଓ ଢେମସାକୁ ପରିଦର୍ଶନ କରିଥିଲେ। କୋରାପୁଟ ଜିଲ୍ଲାର ଏକମାତ୍ର କମ୍ୟୁନିଟି ରେଡିଓ ଷ୍ଟେସନ୍ ଏହି ଅଞ୍ଚଳର ବିଭିନ୍ନ ସମ୍ପ୍ରଦାୟର ବିକାଶର ଆବଶ୍ୟକତାକୁ ପୂରଣ କରିବା ସହ ସେମାନଙ୍କର ସୂଚନା ଏବଂ ମତାମତକୁ ପ୍ରଶାସନକୁ ଅବଗତ କରାଇଥାଏ । ସାମ୍ବାଦିକତା ଏବଂ ଗଣ ଯୋଗାଯୋଗର ଅଧ୍ୟାପକଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀ ଓ ଗବେଷକ ମାନେ ରେଡିଓ ଷ୍ଟେସନ ପରିଦର୍ଶନ କରିଥିଲେ ଏବଂ ସମାଜ ପାଇଁ ଏହା ଏନଜିଓ ଦ୍ୱାରା ପରିଚାଳିତ ବିଭିନ୍ନ କାର୍ଯ୍ୟକ୍ରମର ଅନୁଧ୍ୟାନ କରିଥିଲେ । ସେମାନେ ସଂସ୍ଥା ଦ୍ୱାରା ପ୍ରସାରିତ ରେକର୍ଡ ହୋଇଥିବା ପ୍ରୋଗ୍ରାମଗୁଡ଼ିକର ଅନୁଧ୍ୟାନ କରିବା ସହ ରେଡିଓ ଷ୍ଟେସନର କାର୍ଯ୍ୟକ୍ରମର ବିଭିନ୍ନ ଦିଗ ବିଷୟରେ ଅଭିଜ୍ଞତା ହାସଲ କରିଥିଲେ ।

ପ୍ରାରମ୍ଭରେ ବିଭାଗର ମୁଖ୍ୟ ଡକ୍ଟର ନିଖିଲ କୁମାର ଗୌଡ଼ ତାଙ୍କର ନେତୃତ୍ୱରେ ଛାତ୍ର-ଛାତ୍ରୀ ଓ ଅଧ୍ୟାପକମାନେ ସୋଭା କାର୍ଯ୍ୟାଳୟ ପରିଦର୍ଶନ କରି ଅଧିକାରୀଙ୍କ ସହ ଅଲୋଚନା କରିଥିଲେ। କାର୍ଯ୍ୟାଳୟରେ ଛାତ୍ର-ଛାତ୍ରୀ ମାନଙ୍କୁ ସୋଭା ସଂଗଠନ ଏବଂ ରେଡିଓ ଢେମସାର କାର୍ଯ୍ୟକଳାପ ବିଷୟରେ ସଂକ୍ଷିପ୍ତ ସୂଚନା ପ୍ରଦାନ କରିଥିଲେ। ସୋଭା ସଚିବ ତଥା ପ୍ରତିଷ୍ଠାତା ଶ୍ରୀ ସଞ୍ଜିତ କୁମାର ପଟ୍ଟନାୟକ ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଓ ଛାତ୍ର-ଛାତ୍ରୀ ମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କୁ ସଂଗଠନ ବିଷୟରେ ପରିଚିତ କରାଇଥିଲେ। କମ୍ୟୁନିଟି ରେଡିଓର ଉଦ୍ଦେଶ୍ୟ ଏବଂ ସାମାଜିକ ଉନ୍ନତି ପାଇଁ କୋରାପୁଟ ଏବଂ ଏହାର ନିକଟବର୍ତ୍ତୀ ଗ୍ରାମଗୁଡ଼ିକରେ ରେଡିଓ ଢେମସାର କାର୍ଯ୍ୟକଳାପ ବିଷୟରେ ସେ ବର୍ଣ୍ଣନା କରିଥିଲେ। କେନ୍ଦ୍ରୀୟ ବିଶ୍ୱିଦ୍ୟାଳୟ ତରଫରୁ ବିଭାଗର ମୁଖ୍ୟ ଡକ୍ଟର ନିଖିଲ କୁମାର ଗୌଡ଼ ଅବିଭକ୍ତ କୋରାପୁଟ ଜିଲ୍ଲାର ସାମାଜିକ ଓ ଅର୍ଥନୀତିର ଉନ୍ନତି ପାଇଁ ସୋଭାଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ। ଭବିଷ୍ୟତରେ କେନ୍ଦ୍ରୀୟ ବିଶ୍ୱିଦ୍ୟାଳୟ ଏବଂ ସୋଭା ଏକାଡେମିକ୍ ଯୋଗଦାନ ଏବଂ ସାମାଜିକ ପ୍ରସାର ପାଇଁ ମିଳିତ ଭାବରେ କାର୍ଯ୍ୟ କରିବେ ବୋଲି ସେ ଆଶା ପ୍ରକଟ କରିଥିଲେ ।

ପ୍ରାରମ୍ଭିକ ଅଧିବେଶନ ପରେ, ଛପର ଗ୍ରାମରେ ରେଡିଓ ଢେମସାକୁ ପରିଦର୍ଶନ କରିଥିଲେ ଏବଂ ଉପସ୍ଥାପନ, ଧ୍ୱନି ମିଶ୍ରଣ, ଏବଂ ଅନ୍ୟାନ୍ୟ ଦିଗ ସହିତ ରେଡିଓ କାର୍ଯ୍ୟକ୍ରମର ପରିବେଶନର ବିଭିନ୍ନ କୌଶଳ ଉପରେ ଶିକ୍ଷା ଲାଭ କରିଥିଲେ ବୋଲି ବିଶ୍ୱବିଦ୍ୟାଳୟର ଲୋକସମ୍ପର୍କ ଅଧିକାରୀ ଡ. ଫଗୁନାଥ ଭୋଇ ସୂଚନା ଦେଇଛନ୍ତି । ସୋଭା ପକ୍ଷରୁ ଶ୍ରୀ ରାମ ପ୍ରସାଦ ପଟ୍ଟନାୟକ, ନିବେଦିତା ପଣ୍ଡା ଏବଂ ଅର୍ପିତା ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ଦେଶି ମଦ ଚାଲାଣ ବେଳେ ଚଢ଼ଉ, ଜଣେ ଗିରଫ

**ଜୟପୁର:** ଦେଶି ମଦ ଚାଲାଣ ବେଳେ ଜୟପୁର ଅବକାରି ଥାନା ଆଜି ଚଢାଉ କରି ଜଣେ ଅଭିଯୁକ୍ତ କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ହେଲା ନିଳାଗୁଡା ଗ୍ରାମର ପଦ୍ମନ ଦୁଆରୁ (୨୯) । ସୁଚନା ଅନୁଯାଇ ଏକ ବାଇକ ରେ ନିଳାଗୁଡାରୁ ଜୟପୁର ସହରକୁ କେଶି ମଦ ଚାଲାଣ ହେଉଥିବା ସୁଚନା ପାଇ ଜୟପୁର ଅବକାରି ଥାନା ଆଜି ଜୟନଗର ଠାରେ ଚଢାଉ କରିଛି । ଚଢାଉ କରି ୩୨ ଲିଟର ଦେଶି ମଦ ଓ ବାଇକ କୁ ଜବତ କରିଛି । ଗିରଫ ଅଭିଯୁକ୍ତ କୁ କୋର୍ଟ ଚାଲାଣ କରାଯାଇଥିବା ବିଷୟ ଅବକାରି ଓଆଇସି ହରିଶ ସୁବ୍ରତ ସୁଚନା ଦେଇଛନ୍ତି ।

# ମଶାଣି ନିକଟରୁ ମିଳିଲା ଯୁବକଙ୍କ ଝୁଲନ୍ତା ମୃତଦେହ

**ଭୁବନେଶ୍ୱର:** ରାଜଧାନୀରେ ପୁଣି ହତ୍ୟାକାଣ୍ଡ । ଜଣେ ଯୁବକଙ୍କୁ ହତ୍ୟା ପରେ ଗଛରେ ଟାଙ୍ଗି ଦେଲେ । ଭୁବନେଶ୍ୱର ଏୟାରଫିଲ୍ଡ ଥାନା ଅଞ୍ଚଳରୁ ଜଣେ

**ହତ୍ୟା ପରେ ଟାଙ୍ଗିଦେଲେ !**

ଯୁବକଙ୍କ ମୃତଦେହ ଠାବ ହୋଇଛି । ମୃତ ଯୁବକ ଏୟାରଫିଲ୍ଡ ଥାନା ଅଞ୍ଚଳର ଜିତୁ ବେହେରା ବୋଲି ଜଣାପଡିଛି ।

ଖବର ଅନୁଯାୟୀ, ବୁଧବାର ବିଳମ୍ବିତ ରାତିରେ ତିନି ଜଣ ଯୁବକ ଏକ ବାଇକ୍ ଯୋଗେ ବିରିବନ୍ଧ ମଶାଣୀ ଆଡ଼କୁ ଯାଇଥିଲେ । ହେଲେ ଫେରିବା ବେଳକୁ ବାଇକ୍‌ରେ ଦୁଇ ଜଣ ହିଁ ଆସିଥିଲେ । ବାକି ଅନ୍ୟ ଜଣଙ୍କୁ ଦେଖିବାକୁ ମିଳିନଥିଲା । ଏସମସ୍ତ କଥା ସେଠାରେ ମାଟି କାମ କରୁଥିବା ଜଣେ ଜେସିପି ଡ୍ରାଇଭର ଦେଖିବାକୁ ପୋଲିସ ଆଗରେ କହିଛନ୍ତି ।



ତେବେ ସେ ଯୁବକମାନେ କିଏ ଏବଂ କାହିଁକି ଜିତୁକୁ ହତ୍ୟା ପରେ ସେଠାରେ ଟାଙ୍ଗି ଦେଇଛନ୍ତି ? ନା ଜିତୁଙ୍କ ମୃତ୍ୟୁ ପଛରେ ଆଉ କଣ କାରଣ । ପୁରା ଘଟଣାର ତଦନ୍ତ ପରେ ହିଁ ସତ ସାମ୍ନାକୁ ଆସିବ ବୋଲି ଅନୁମାନ କରାଯାଉଛି ।

ସେପଟେ ଏୟାରଫିଲ୍ଡ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ପୋଷ୍ଟମର୍ଟମ ପାଇଁ ପଠାଇଛି । ଏହାସହ ବିଭିନ୍ନ ଦିଗକୁ ନେଇ ଛାନ୍‌ଭିନ୍ ମଧ୍ୟ କରୁଛି । ପୋଷ୍ଟମର୍ଟମ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି ।

# ଫେରାର ୭ ଅଭିଯୁକ୍ତ ଗିରଫ

**ଜୟପୁର:** ଅପରାଧିକ ମାମଲାରେ ଜଡିତ ଥାଇ ଫେରାର ୭ ଅଭିଯୁକ୍ତକୁ ଆଜି ଗିରଫ କରି କୋର୍ଟ ଚାଲାଣ କରିଛି ଜୟପୁର ସଦର ପୋଲିସ । ଗିରଫ ଅଭିଯୁକ୍ତ ମାନେ ହେଲେ ବାରିଣିପୁଟର ଭାରତ ଚନ୍ଦ୍ର ପ୍ରଧାନ (୪୫) , ବିଷୋଇପୁଟ କିଶୋର ଗଣ୍ଡ (୩୫) ,ଖଡପା ଗ୍ରାମର ଭକ୍ତ ଗଣ୍ଡ (୩୫), କୁନ୍ତର ଖାଲ ଗ୍ରାମର ଭଗବାନ ଗୌଡ (୬୦) , କେରାପୁଟ ଗ୍ରାମର ପର୍ଶୁ ହରିଜନ (୪୦) , ହାଟ କଙ୍ଗା ଗ୍ରାମର ରମେଶ ହରିଜନ (୩୦) , ବାୟାଗୁଡା ଗ୍ରାମର ଭୀମ ହରିଜନ (୩୭) । ସୁଚନା ଅନୁଯାଇ ବାରିଣିପୁଟର ଭାରତ ଚନ୍ଦ୍ର ପ୍ରଧାନ (୪୫) ନାମରେ ୨୦୧୦ ମସିହାରେ ଅପରାଧିକ ମାମଲା ରହିଥିଲା ସେହି ଦିନ ଠାରୁ ସେ ଫେରାର ଥିବା ବେଳେ ବିଷୋଇପୁଟ କିଶୋର ଗଣ୍ଡ (୩୫) ନାମରେ୨୦୨୦ ମସିହାରେ ମାମଲା ରହିଥିଲା । ଖଡପା ଗ୍ରାମର ଭକ୍ତ ଗଣ୍ଡ (୩୫)୨୦୧୮ ମସିହାରେ ମାମଲା ରହିଥିବା ବେଳେ , କୁନ୍ତର ଖାଲ ଗ୍ରାମର ଭଗବାନ ଗୌଡ (୬୦) ୨୦୦୪ ମସିହାରେ ମାମଲା ରହିଥିଲା , କେରାପୁଟ ଗ୍ରାମର ପର୍ଶୁ ହରିଜନ (୪୦) ୨୦୧୪ ମସିହାରେ ମାମଲା ରହିଥିବା ବେଳେ , ହାଟ କଙ୍ଗା ଗ୍ରାମର ରମେଶ ହରିଜନ (୩୦) ୨୦୨୩ ମସିହାରେ ମମଲା ରହିଥିଲା । ସେହିପରି ବାୟାଗୁଡା ଗ୍ରାମର ଭୀମ ହରିଜନ (୩୭) ୨୦୧୨ ମାମଲା ରହିଥିବା ବେଳେ ଆଡି ଚଢାଉ କରି ୭ ଅଭିଯୁକ୍ତ କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବିଷୟ ଜୟପୁର ସଦର ଥାନା ଅଧିକାରି ସଚିନ୍ଦ୍ର ପ୍ରଧାନ ସୁଚନା ଦେଇଛନ୍ତି ।

# ଅଗ୍ନିବୀର ଯୋଜନା ମାଧ୍ୟମରେ ସମ୍ବଲପୁରରେ ଆର୍ମି ନିଯୁକ୍ତି ପଞ୍ଜୀକରଣ ଆରମ୍ଭ

**ସୁବର୍ଣ୍ଣପୁର::** ଅନୁଗୁଳ, ବରଗଡ, ବଲାଙ୍ଗିର, ଢେଙ୍କାନାଳ, ଦେବଗଡ, ଝାରସୁଗୁଡା, କେନ୍ଦୁଝର, ସମ୍ବଲପୁର, ସୁବର୍ଣ୍ଣପୁର ଓ ସୁନ୍ଦରଗଡ ଜିଲ୍ଲାର ଯୋଗ୍ୟ ପ୍ରାର୍ଥୀଙ୍କ ନିମନ୍ତେ ଅଗ୍ନିପଥ ଯୋଜନା ମାଧ୍ୟମରେ ଆର୍ମି ନିଯୁକ୍ତି ପଞ୍ଜୀକରଣ ଆରମ୍ଭ ହୋଇଛି । ଏହି ଆର୍ମି ନିଯୁକ୍ତି ପଞ୍ଜୀକରଣ ମାର୍ଚ୍ଚ ମାସ ୧୨ ତାରିଖ ଠାରୁ ଆରମ୍ଭ ହୋଇଥିବା ବେଳେ ଏହା ଏପ୍ରିଲ ୧୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ଏଥି ନିମନ୍ତେ ପ୍ରାର୍ଥୀମାନଙ୍କୁ ୨୫୦ ଟଙ୍କା ଫି ଦେୟ ପଡିବ । ମାନଦଣ୍ଡ, ଶିକ୍ଷାଗତ ଯୋଗ୍ୟତା ଏବଂ ଅନଲାଇନ ପରୀକ୍ଷା ଅନୁସାରେ ପ୍ରାର୍ଥୀ ମାନେ ନିଯୁକ୍ତି ପାଇବେ । ଆବେଦନ କରିବା ପାଇଁ ଅନଲାଇନ ରେଜିଷ୍ଟ୍ରେସନ ବାଧ୍ୟତାମୂଳକ ଅଟେ । ଅନଲାଇନ ରେଜିଷ୍ଟ୍ରେସନ ଏପ୍ରିଲ ୧୦ ତାରିଖ ପର୍ଯ୍ୟନ୍ତ ଖୋଲା ରହିବ । ଆର୍ମି ନିଯୁକ୍ତି ରାଲି ଆରମ୍ଭ ହେବାର ଯଥେଷ୍ଟ ପୂର୍ବରୁ ପ୍ରାର୍ଥୀମାନଙ୍କ ପଞ୍ଜିକୃତ ଇ – ମେଲ ରେ ଏଡମିଟ କାର୍ଡ ପ୍ରେରଣ କରାଯିବ ବୋଲି ସମ୍ବଲପୁର ଏଆରଓ ଜଣାଇଛନ୍ତି । ପ୍ରାର୍ଥୀମାନଙ୍କ କୌଣସି ପ୍ରକାର ସୂଚନା ନିମନ୍ତେ ୦୬୬୩-୨୫୨୦୮୪୫ ନମ୍ବରରେ ଯୋଗାଯୋଗ କରିପାରିବେ ।

# ନିମ୍ନମାନର ରାସ୍ତା କାମ ନେଇ ଅଭିଯୋଗ

- **୭୨ ଘଣ୍ଟା ନପୁରୁଣୁ ପିଚୁ ଉଠିଯାଉଛି**
- **ନିମ୍ନମାନର କାର୍ଯ୍ୟ ଅଭିଯୋଗ**
- **ଉଚ୍ଚସ୍ତରୀୟ ତଦନ୍ତ ଦାବି**

**ମାଲକାନଗିରି:** ଗାଁକୁ ଜିଲ୍ଲା ସହ ଯୋଡିବା ପାଇଁ ରାଜ୍ୟ ସରକାର ବିଭିନ୍ନ ଯୋଜନାରେ ନିର୍ମାଣ କରୁଛନ୍ତି ରାସ୍ତା। କିନ୍ତୁ ବିଭାଗୀୟ ଅଧିକାରୀଙ୍କ ମନମୁଖୀ କାର୍ଯ୍ୟ ପାଇଁ ଆଗାମୀ ଦିନରେ ଅସୁବିଧାର ସମ୍ମୁଖୀନ ହେବାକୁ ପଡିବ ଚିତ୍ରକୋଣ୍ଡା ବ୍ଲକର ୬ ଗୋଟି ପଂଚାୟତବାସୀଙ୍କୁ। ନିମ୍ନମାନର କାର୍ଯ୍ୟକୁ ଅଭିଯୋଗ କରିବାରୁ ସ୍ଥାନୀୟ ଲୋକଙ୍କୁ ନାଲି ଆଖି ଦେଖାଉଛନ୍ତି ଠିକାଦାର ଆଉ ବିଭାଗୀୟ ଯନ୍ତ୍ରୀ। ଅନ୍ୟପଟେ ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଦାବି କରିଛନ୍ତି ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ।

ଚିତ୍ରକୋଣ୍ଡା ବ୍ଲକ ଅନ୍ତର୍ଗତ ୧୮ ଗୋଟି ପଞ୍ଚାୟତରେ ବସବାସ କରୁଥିବା ଲୋକେ ଦୀର୍ଘ ବର୍ଷ ଧରି ମୌଳିକ ସୁବିଧାରୁ ବଞ୍ଚିତ ହୋଇ ରହିଆସୁଥିଲେ। ଗାଁକୁ ରାସ୍ତାର ସଂଯୋଗ ହୋଇପାରୁନଥିବାରୁ ବିଭିନ୍ନ ସମସ୍ୟାରେ ଜୀବନ ଅତିବାହିତ କରୁଥିଲେ। ମାଓବାଦୀଙ୍କ ପତିଆରା କମିବା ପରେ ଆରମ୍ଭ ହୋଇଛି ଚିତ୍ରକୋଣ୍ଡା ଅଞ୍ଚଳରେ ବିକାଶଧାରା। ଗାଁରୁ ପଞ୍ଚାୟତକୁ ରାସ୍ତାର ସଂଯୋଗ ହେବା ସହ ଜିଲ୍ଲାକୁ ମଧ୍ୟ ଯୋଡି ହେବାରେ ଲାଗିଛି। ବିକାଶ ମୂଳକ କାର୍ଯ୍ୟ ଦ୍ରୁତ ଗତିରେ ମାଡି ଚାଲିଛି ଘାଟି ଅଞ୍ଚଳକୁ। ଦୁର୍ଗମ ପାପୁଲୁର ଠାରୁ ବ୍ଲକକୁ ସଂଯୋଗ ପାଇଁ ଆରମ୍ଭ ହୋଇଛି ରାସ୍ତାର କାର୍ଯ୍ୟ।

ଏହି ରାସ୍ତା ଜିଲ୍ଲା ଓ ବ୍ଲକକୁ ସଂଯୋଗ



କରୁଥିବା ବେଳେ ସ୍ୱାସ୍ଥ୍ୟସେବା ସେବା ଠାରୁ ଆରମ୍ଭ କରି ଦୈନିକ ବ୍ୟବହୃତ ସାମଗ୍ରୀ ପାଇଁ ଚିତ୍ରକୋଣ୍ଡାକୁ ଯିବାକୁ ପଡ଼େ ୬ ଗୋଟି ପଂଚାୟତବାସୀଙ୍କୁ। କିନ୍ତୁ ରାସ୍ତାର କାର୍ଯ୍ୟ ସଠିକ ରୂପେ କରାଯାଉ ନାହିଁ ବୋଲି ଅଭିଯୋଗ କରିଛନ୍ତି ସ୍ଥାନୀୟ ଅଂଚଳବାସୀ। ରାସ୍ତା କାମରେ ନିମ୍ନମାନର କଞ୍ଚାମାଲ ବ୍ୟବହାର କରାଯାଉଥିବା ଅଭିଯୋଗ ହେଉଛି। କେବଳ ଏତିକି ନୁହେଁ ପିଚୁ ପଡିବାର ୭୨ ଘଣ୍ଟା ନପୁରୁଣୁ ଉଠି ଯାଉଛି ରାସ୍ତାରୁ ପିଚୁ।

ସ୍ଥାନୀୟ ଲୋକେ ନିମ୍ନମାନର ରାସ୍ତା କାର୍ଯ୍ୟ ପାଇଁ ଠିକାଦାର ଓ ବିଭାଗୀୟ ଯନ୍ତ୍ରୀଙ୍କୁ ଅଭିଯୋଗ କରିବାରୁ ନାଲି ଆଖି ଦେଖାଉଥିବା କହିଛନ୍ତି ପାପୁଲୁର ବାସିନ୍ଦା।

ଅନ୍ୟପଟେ ରାଜ୍ୟ ସରକାରଙ୍କ ପ୍ରତ୍ୟେକ ଯୋଜନାର ଶୁଭାରମ୍ଭ ବି କରୁଛନ୍ତି ଏହି ଜିଲ୍ଲାରୁ। କିନ୍ତୁ କିଛି ବିଭାଗୀୟ ଅଧିକାରୀମାନଙ୍କ ମନମୁଖୀ ପାଇଁ ଉନ୍ନୟନ ମୂଳକ କାର୍ଯ୍ୟରେ ଉପୁଜୁଛି ବାଧା। କିଛି ବର୍ଷ ତଳେ ପାପୁଲୁର ଓ ଚିତ୍ରକୋଣ୍ଡାକୁ ସଂଯୋଗ କରିବା ପାଇଁ ମୁଖ୍ୟ ରାସ୍ତାକୁ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ପକ୍କା ରାସ୍ତା ନିର୍ମାଣ କରାଯାଇଥିଲା। ନିମ୍ନମାନର କାର୍ଯ୍ୟ ହେବା ଦ୍ୱାରା ରାସ୍ତାରୁ ସମ୍ପୂର୍ଣ୍ଣ ପିଚୁ ଉଠି ଯାଇଛି। ପୁନର୍ବାର ଏହି ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଥିବା ବେଳେ, ପୂର୍ବ ପରି ନିମ୍ନ ମାନର କାର୍ଯ୍ୟ କରାଯାଉଛି। ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ମଧୁଚନ୍ଦ୍ରିକାରେ ଏହିଭଳି କାର୍ଯ୍ୟ ଚାଲିଛି ଏବଂ କାର୍ଯ୍ୟ ଉପରେ ଭିଜିଲାନ୍ସ ତଦନ୍ତ କରାଯିବା ସହ ଆଗାମୀ ଦିନରେ ବଡ ଧରଣର ଆନ୍ଦୋଳନ ପାଇଁ ଆହ୍ୱାନ ଦେଲେ ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ। ଏହି ରାସ୍ତା ବ୍ୟତିତ ଯୋଗାଯୋଗ ପାଇଁ ଅନ୍ୟ କୌଣସି ରାସ୍ତା ନଥିବା ଯୋଗୁଁ ବାରମ୍ବାର ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି ଅଂଚଳ ବାସିନ୍ଦାଙ୍କୁ ବୋଲି କ୍ଷୋଭ ପ୍ରକାଶ କରିଛନ୍ତି ।

# ନବମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

**ବଲାଙ୍ଗିର:** ଲୋଇସିଂହା ବ୍ଲକ୍ ଅନ୍ତର୍ଗତ ଆଦିବାସୀ ଉଚ୍ଚ ବିଦ୍ୟାଳୟ ତାଲଜୁରୀ ଗ୍ରାମରେ ବର୍ଣ୍ଣାଢ୍ୟ ପରିବେଶ ରେ ନୂତନ ଭାବରେ ପାଦ ଦେଇଥିବା ନବମ ଶ୍ରେଣୀ ର ଛାତ୍ରଛାତ୍ରୀ ମାନଙ୍କୁ ସ୍ୱାଗତ କରାଯାଇଥିଲା। ଆୟୋଜିତ ସଭାରେ ସ୍କୁଲ ର ପ୍ରଧାନ ଶିକ୍ଷକ ନେପାଳ ଚନ୍ଦ୍ର ମହାରଣା ଯୋଗଦେଇଥିବା ବେଳେ, ସମ୍ମାନୀତ ଅତିଥି ଭାବରେ ସରପଂଚ ହିମାଂଚଳ ମେହେର, ପୂରାତନ ସମିତି ସଭ୍ୟ ବିଜୟ ସାହୁ, ୟୁ ପି ସ୍କୁଲ ର ଚେୟାରମେନ କାମଧର ପାତ୍ର, ସହକାରୀ ଶିକ୍ଷକ ନିର୍ମଳ କୁମ୍ଭାର ଏବଂ ଏହି ବିଦ୍ୟାଳୟ ର ଚେୟାରମେନ ଶ୍ରୀମତୀ ସସ୍ମିତା ବାଗ ଯୋଗଦେଇ ଥିଲେ, ଅନ୍ୟ ତମ ସମ୍ମାନୀତ ଅତିଥି ରୂପରେ ନିମନ୍ତ୍ରିତ ହୋଇଥିଲେ ବରିଷ୍ଠ ସାମ୍ବାଦିକ ଶ୍ରୀଯୁକ୍ତ ବିମଳ ସାହୁ, ବୁର୍ଡା। ସମସ୍ତ ଙ୍କୁ ସ୍ୱାଗତ କରିଥଲେ ଶିକ୍ଷକ ସୁରେଶ କୁମାର ଦାସ ସଭା କୁ ପରିଚାଳନା କରିଥଲେ ଶିକ୍ଷକ ଦିଲିପ କୁମାର ମିଶ୍ର, ବିଦ୍ୟାଳୟ ର ପ୍ରବେଶ ଦ୍ୱାର ରୁ ନୂତନ ଛାତ୍ର ମାନଙ୍କୁ ଫୁଲ ଚନ୍ଦନ ସାଥେ ସ୍ୱାଗତ ସ୍ଲୋଗାନ ଦେଇ ସ୍ୱାଗତ କରାଯାଇଥିଲା, ଖୁସିର କଥା ଏହି ସ୍ୱାଗତ ସମାରୋହ ରେ ଗ୍ରାମର ଶତାଧିକ ବ୍ୟକ୍ତି ସାମିଲ ହୋଇଥିଲେ। ବିଦ୍ୟାଳୟ ର ଉନ୍ନତି, ପାଠପଢ଼ା ତଥା ଛାତ୍ର ମାନଙ୍କ ଉପସ୍ଥାନ ଉପରେ ବକ୍ତା ମାନେ ନିଜର ନିଜର ମତାମତ ରଖିଥିଲେ, ଅଭିଭାଷଣ ରେ ଉଭୟ ନୂତନ ତଥା ପୁରାତନ ଛାତ୍ର ଛାତ୍ରୀ ମାନଙ୍କ ଭାଷଣ ମଧ୍ୟ ହୃଦୟସ୍ପର୍ଷି ଥିଲା। କବି ତଥା ଶିକ୍ଷକ ଦିଲିପ୍ କୁମାର୍ ମିଶ୍ର ଙ୍କ ଏ ଅୟୋଜନ ଙ୍କୁ ଗ୍ରାମବାସୀ ଭୂରି ଭୂରି ପ୍ରଶଂସା କରିଥଲେ। ଶେଷରେ ଶିକ୍ଷକ ପ୍ରମାଦ କଲେତ ଧନ୍ୟବାଦ୍ ଅର୍ପଣ କରିଥିଲେ ଶେଷରେ ମିଷ୍ଟାନ୍ନ ବଂଟନ ପରେ ସଭା ସାଙ୍ଗ ହୋଇଥିଲା।

ମାତୃଭାଷା

# ଖେଳ ଖବର

■ ଗ୍ଲୋବାଲ ଇ-କ୍ରିକେଟ ପ୍ରିମିୟର୍ ଲିଗ

## ମୁମ୍ବାଇ ଟିମ୍‌ର ମାଲିକାଣୀ ହେଲେ ସାରା




**ମୁମ୍ବାଇ, ୩।୪:** ଭେଟରାନ କ୍ରିକେଟର ସଚିନ ତେନ୍ଦୁଲକରଙ୍କ ଝିଅ ସାରା ତେନ୍ଦୁଲକର ହେଲେ ମୁମ୍ବାଇ ଟିମର ମାଲିକାଣୀ । ଆଇପିଏଲ୍ ୨୦୨୫ମଧ୍ୟରେ ପୂରା ଟିମ୍‌କୁ କିଣି ନେଇଛନ୍ତି । ଆଜ୍ଞା ହଁ ସାରା ତେନ୍ଦୁଲକର ଗ୍ଲୋବାଲ ଇ-କ୍ରିକେଟ ପ୍ରିମିୟର ଲିଗ(ଜିଇପିଏଲ)ରେ ମୁମ୍ବାଇ ଟିମର ମାଲିକାଣୀ ହୋଇଛନ୍ତି । ଜିଇପିଏଲକୁ ବିଶ୍ୱର ସବୁଠାରୁ ବଡ଼ ଇ-କ୍ରିକେଟ ଲିଗ୍ ମଧ୍ୟରୁ ଗୋଟିଏ ବୋଲି ଗଣାଯାଏ । ୨୦୨୫ରେ ଏହି ଲିଗର ଦ୍ୱିତୀୟ ସିଜନ ଆୟୋଜିତ ହେବ । ପ୍ରକାଶ ଯେ, ଏହି ଲିଗ୍ ରିୟଲ କ୍ରିକେଟ ଆପରେ ଖେଳାଯିବ । ଯାହାକୁ ଇଣ୍ଟରନେଟରେ ୩୦କୋଟିରୁ ବି ଅଧିକ ଥର ଡାଉନଲୋଡ୍ କରାଯାଇ ସାରିଛି । ଡେବ୍ୟୁ ସିଜନ ପରେ ଗ୍ଲୋବାଲ ଇ-କ୍ରିକେଟ ଲିଗ୍ ଭଲ ପରିଚୟ ସୃଷ୍ଟି କରିପାରିଛି । ପ୍ରଥମ ସିଜନରେ ୨ଲକ୍ଷ ଖେଳାଳୀ ରେଜିଷ୍ଟର କରିଥିଲେ । ଯାହାକି ସିଜନ ୨ ଲାଗି ୯ଲକ୍ଷ ୧୦ହଜାର ରେଜିଷ୍ଟ୍ରେଶନ ଆସିଛି ।

## ଆଇପିଏଲରେ ରେକର୍ଡ଼ କରିବେ ଭୁବନେଶ୍ୱର



**ମୁମ୍ବାଇ, ୩।୪ :** 'ସ୍ୱିଂଗର କିଙ୍ଗ୍' ନାଁରେ ପ୍ରସିଦ୍ଧ ଦ୍ରୁତ ବୋଲର ଭୁବନେଶ୍ୱର କୁମାର ଆଇପିଏଲ୍ ୨୦୨୫ରେ ଆରସିବି ଟିମର ଭାଗିଦାରୀ ଅଟନ୍ତି । ଭୁବି ଆଇପିଏଲରେ ଇତିହାସ ରଚିବାକୁ କେବଳ ଗୋଟିଏ ଓ୍ୱିକେଟ ଦୂରରେ ଅଛନ୍ତି । କେବଳ ଗୋଟିଏ ଓ୍ୱିକେଟ ନେଲେ ସେ ଆଇପିଏଲରେ ସବୁଠାରୁ ଅଧିକ ଓ୍ୱିକେଟ ନେଇଥିବା ଦ୍ରୁତ ବୋଲର ହୋଇଯିବେ ।

ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରର ଏହି ଦ୍ରୁତ ବୋଲର ବୁଧବାର ଆଇପିଏଲରେ ସବୁଠାରୁ ଅଧିକ ଓ୍ୱିକେଟ ନେଇଥିବା ଦ୍ରୁତ ବୋଲରରେ ସଂଯୁକ୍ତ ରୂପରେ ଶୀର୍ଷରେ ପହଞ୍ଚି ଯାଇଛନ୍ତି । ଏବେ ଇଭେନ ବ୍ରାବୀ ଏବଂ ଭୁବନେଶ୍ୱର କୁମାରଙ୍କ ନାଁରେ ୧୮୩-୧୮୩ଓ୍ୱିକେଟ ଅଛି । ଏବେ ଗୋଟିଏ ଓ୍ୱିକେଟ ନେଇ ଭୁବି ଆଇପିଏଲରେ ସବୁଠାରୁ ଅଧିକ ଓ୍ୱିକେଟ ନେଇଥିବା ଦ୍ରୁତ ବୋଲର ହୋଇଯିବେ ।

# ସନରାଇଜର୍ସ ହାଇଦ୍ରାବାଦର ହ୍ୟାଟ୍ରିକ ପରାଜୟ




**ହାଇଦ୍ରାବାଦ, ୩।୪:** ସନରାଇଜର୍ସ ହାଇଦ୍ରାବାଦକୁ ଆଇପିଏଲ ୨୦୨୫ରେ ଲଗାତାର ତୃତୀୟ ହାରର ସାମ୍ନା କରିବାକୁ ପଡିଛି । ଡିଫେଣ୍ଡିଙ୍ଗ ଚାମ୍ପିୟନ କୋଲକାତା ନାଇଟ ରାଇଡର୍ସ ଗୁରୁବାର ହାଇଦ୍ରାବାଦ ଦଳକୁ ୮୦ ରନରେ ହରାଇ ଦେଇଛନ୍ତି ।

ଇଡେନ ଗାର୍ଡେନ ଷ୍ଟାଡିୟମରେ ହେଉଥିବା ଏହି ମ୍ୟାଚରେ ୨୦୧ ରନ ଟାର୍ଗେଟ ପାଇଥିବା ହାଇଦ୍ରାବାଦ ୧୬.୩ ଓଭରରେ ୧୨୦ ରନରେ ଅଲ ଆଉଟ ହୋଇଯାଇଛି । ଏହି ମ୍ୟାଚରେ ଉଭୟ ବରୁଣ ଚକ୍ରବର୍ତ୍ତୀ ଓ ବୈଭବ ଅରୋଡା ୩-୩ଟି ଓ୍ୱିକେଟ୍ ନେଇଛନ୍ତି । ରସେଲଙ୍କୁ ମଧ୍ୟ ୨ଟି ଓ୍ୱିକେଟ ମିଳିଛି । ହାଇଦ୍ରାବାଦର ହେନରିକ କ୍ଲାସନ ୩୩ ଓ କାମିନ୍ଦୁ ମେଣ୍ଡିସ୍ ୨୭ ରନ ବନେଇଛନ୍ତି ।

ଆଇପିଏଲ୍ ୨୦୨୫ର ୧୫ ତମ ମ୍ୟାଚ୍ କୋଲକାତା ଏବଂ ହାଇଦ୍ରାବାଦ ମଧ୍ୟରେ ଖେଳାଯାଇଥିଲା । ସନରାଇଜର୍ସ ହାଇଦ୍ରାବାଦ (ଏସଆରଏଚ୍) ଟସ୍ ଜିତି ବୋଲିଂ ନିଷ୍ପତ୍ତି ନେଇଥିଲା । ପ୍ରଥମେ ବ୍ୟାଟିଂ କରିବାକୁ ଆସିଥିବା କୋଲକାତା ନାଇଟ ରାଇଡର୍ସ ରନ୍ ବର୍ଷା କରିଛି । ଅଙ୍ଗକ୍ରିସ୍ ରଘୁବଂଶୀଙ୍କ ଅର୍ଦ୍ଧଶତକ ପରେ ଭେଙ୍କଟେଶ ଆୟର ବିସ୍ଫୋରକ ବ୍ୟାଟିଂ କରିଥିଲେ ।

ଅଧିନାୟକ ଅଜିଙ୍କ୍ୟ ରାହାଣେ ୩୮ ରନ୍ କରିଥିବା ବେଳେ ରିଙ୍କୁ ସିଂ ୩୨ ରନ କରି ଅପରାଜିତ ରହିଥିଲେ । ଭେଙ୍କଟେଶ ଆୟର ୨୯ ବଲ୍‌ରେ ୬୦ ରନ୍ କରି ଆଉଟ ହୋଇଥିଲେ । ଆୟର ଏହି ସମୟରେ ୭ ଚୌକା ଏବଂ ୩ଟି ଛକା ମାରିଥିଲେ । ଏହା ସହ ନିର୍ଦ୍ଧାରିତ ଓଭରରେ କେକେଆର ୬ଟି ଓ୍ୱିକେଟ ହରାଇ ୨୦୦ ରନ୍ କରିଛି । ସେପଟେ ହାଇଦ୍ରାବାଦ ସମ୍ମୁଖରେ ୨୦୧ ରନ୍‌ର ବିଜୟ ଲକ୍ଷ୍ୟ ରହିଛି ।

■ ରଘୁବଂଶୀ, ଭେଙ୍କଟେଶ ଓ ରିଙ୍କୁଙ୍କ ବିସ୍ଫୋରକ ବ୍ୟାଟିଂ

■ ବୈଭବ ଓ ବରୁଣଙ୍କୁ ୩ ଲେଖାଏଁ ଓ୍ୱିକେଟ୍

■ ହାଇଦ୍ରାବାଦକୁ ୮୦ ରନ୍‌ରେ ପରାସ୍ତ କଲା କୋଲକାତା

ଆରମ୍ଭରୁ ଭଲ ଖେଳି ପାରିନଥିଲା କୋଲକାତା ନାଇଟ୍ ରାଇଡର୍ସ । କ୍ୱିଣ୍ଟନ୍ ଡି କକ୍ ଏବଂ ସୁନୀଲ ନାରିନ୍ ୧୬ ରନ୍ କରି ପ୍ୟାଭିଲିୟନ୍ ଫେରିଯାଇଥିଲେ । ପରେ ଅଜିଙ୍କ୍ୟ ରାହାଣେ ଏବଂ ଅଙ୍ଗକ୍ରିସ ରଘୁବଂଶୀ ୮୧ ରନ୍ ଯୋଡ଼ିଥିଲେ । କୋଲକାତା ୧୫ ଓଭରରେ ୧୨୨ ରନ୍ କରିଥିଲା ଏବଂ ୨୦୦ ରନ୍ କରିବା ପ୍ରାୟ ଅସମ୍ଭବ ମନେ ହେଉଥିଲା ।

ଏଠାରୁ ଭେଙ୍କଟେଶ ଆୟର ଏବଂ ରିଙ୍କୁ ସିଂହ ଗଡ଼ ସମ୍ଭାଳିଥିଲେ । ଗୋଟିଏ ପଟେ ଆୟର ୨୯ ବଲ୍‌ରେ ୭ ଚୌକା ଏବଂ ୩ ଛକା ମାରି ୬୦ ରନ୍ ?ର ଏକ ବିସ୍ଫୋରକ ଇନିଂସ ଖେଳିଥିଲେ । ରିଙ୍କୁ ସିଂ ୧୭ ବଲ୍‌ରେ ୩୨ ରନ୍ କରି ଅପରାଜିତ ଥିଲେ । ଏହି ଦୁଇ ବ୍ୟାଟରଙ୍କ ଯୋଗୁଁ କୋଲକାତା ଶେଷ ୫ ଓଭରରେ ୭୮ ରନ କରିଥିଲା ଏବଂ ଦଳର ସ୍କୋରକୁ ୨୦୦ ରନରେ ପହଞ୍ଚାଇଥିଲେ ।

**କୋଲକାତା ଇନିଂସ: ୨୦୦/୬ (୨୦ ଓଭର)**

| | | | |
|---|---|---|---|
| କ୍ୱିଣ୍ଟନ ଡି କକ୍ | କ୍ୟା ଜିସାନ ବୋ କମିନ୍ସ | ୦୧ | ୦୬ |
| ସୁନୀଲ ନାରିନ | କ୍ୟା କ୍ଲାସେନ ବୋ ସାମି | ୦୭ | ୦୭ |
| ଆଜିଙ୍କ୍ୟ ରାହାଣେ | କ୍ୟା କ୍ଲାସେନ ବୋ ଜିସାନ | ୩୮ | ୨୭ |
| ଅଙ୍ଗକ୍ରିଶ ରଘୁବଂଶୀ | କ୍ୟା ହର୍ଷଲ ବୋ କାମିଣ୍ଡୁ | ୫୦ | ୩୨ |
| ଭେଙ୍କଟେଶ ଆୟର | କ୍ୟା ଅନିକେତ ବୋ ହର୍ଷଲ | ୬୦ | ୨୯ |
| ରିଙ୍କୁ ସିଂହ | ଅପରାଜିତ | ୩୨ | ୧୭ |
| ଆନ୍ଦ୍ରେ ରସେଲ | ରନଆଉଟ୍ | ୦୧ | ୦୨ |
| ଅତିରିକ୍ତ | | ୧୧ | |

| ବୋଲିଂ | ଓଭର | ମେଡେନ୍ | ରନ୍ | ଓ୍ୱିକେଟ୍ |
|---|---|---|---|---|
| ମହମ୍ମଦ ସାମି | ୪ | ୦ | ୨୯ | ୧ |
| ପାଟ କମିନ୍ସ | ୪ | ୦ | ୪୪ | ୧ |
| ସିମରଜିତ ସିଂହ | ୪ | ୦ | ୪୭ | ୦ |
| ଜିସାନ ଅନସରୀ | ୩ | ୦ | ୨୫ | ୧ |
| ହର୍ଷଲ ପଟେଲ | ୪ | ୦ | ୪୩ | ୧ |
| କାମିଣ୍ଡୁ ମେଣ୍ଡିସ | ୧ | ୦ | ୦୪ | ୧ |

**ହାଇଦ୍ରାବାଦ ଇନିଂସ: ୧୨୦/୧୦ (୧୬.୪ ଓଭର)**

| | | | |
|---|---|---|---|
| ଟ୍ରାଭିସ ହେଡ୍ | କ୍ୟା ହର୍ଷିତ ବୋ ବୈଭବ | ୦୪ | ୦୨ |
| ଅଭିଷେକ ଶର୍ମା | କ୍ୟା ଭେଙ୍କଟେଶ ବୋ ହର୍ଷିତ | ୦୨ | ୦୬ |
| ଇଷାନ କିଷାନ | କ୍ୟା ରାହାଣେ ବୋ ବୈଭବ | ୦୨ | ୦୫ |
| ନୀତିଶ କୁମାର ରେଡ୍ଡି | କ୍ୟା ନାରିନ ବୋ ରସେଲ | ୧୯ | ୧୫ |
| କାମିଣ୍ଡୁ ମେଣ୍ଡିସ | କ୍ୟା ଅନୁକୁଳ ବୋ ନାରିନ | ୨୭ | ୨୦ |
| ହେନରିଚ କ୍ଲାନେ | କ୍ୟା ମୋଇନ ବୋ ବୈଭବ | ୩୩ | ୨୧ |
| ଅନିକେତ ବର୍ମା | କ୍ୟା ଭେଙ୍କଟେଶ ବୋ ବରୁଣ | ୦୬ | ୦୬ |
| ପାଟ କମିନ୍ସ | କ୍ୟା ହର୍ଷିତ ବୋ ବରୁଣ | ୧୪ | ୧୫ |
| ହର୍ଷଲ ପଟେଲ | କ୍ୟା/ବୋ ରସେଲ | ୦୩ | ୦୫ |
| ସମରଜିତ ସିଂହ | ବୋ ବରୁଣ | ୦୦ | ୦୧ |
| ମହମ୍ମଦ ସାମି | ଅପରାଜିତ | ୦୨ | ୦୪ |
| ଅତିରିକ୍ତ | | ୦୮ | |

| ବୋଲିଂ | ଓଭର | ମେଡେନ୍ | ରନ୍ | ଓ୍ୱିକେଟ୍ |
|---|---|---|---|---|
| ବୈଭବ ଅରୋରା | ୪ | ୧ | ୨୯ | ୩ |
| ହର୍ଷିତ ରାଣା | ୩ | ୦ | ୧୫ | ୧ |
| ବରୁଣ ଚକ୍ରବର୍ତ୍ତୀ | ୪ | ୦ | ୨୨ | ୩ |
| ଆନ୍ଦ୍ରେ ରସେଲ | ୧.୪ | ୦ | ୨୧ | ୨ |
| ସୁନୀଲ ନାରିନ | ୪ | ୦ | ୩୦ | ୧ |

# ସାମୀଙ୍କ ଭଉଣୀ-ଭିଣୋଇଙ୍କ ବଢ଼ିଲା ଅଡୁଆ

**ନୂଆଦିଲ୍ଲୀ, ୩।୪:** ଟିମ୍ ଇଣ୍ଡିଆର ଦ୍ରୁତ ବୋଲର ମହମ୍ମଦ ଶାମି ଆଇପିଏଲ୍ ଖେଳିବାରେ ବ୍ୟସ୍ତ ଅଛନ୍ତି । ହେଲେ ଏହାରି ଭିତରେ ତାଙ୍କ ଭଉଣୀ ଓ ଭିଣୋଇ ଠକେଇରେ

**ଠକେଇ ଅଭିଯୋଗରେ ଫସିଲେ ପରିବାର**

ଫସିଛନ୍ତି । ଠକେଇରେ ଉଭୟଙ୍କ ନାମ ଥିବା ସାମ୍ନାକୁ ଆସିଛି । ଭଉଣୀ ଓ ଭିଣୋଇଙ୍କ ବ୍ୟତୀତ, ଶାମୀଙ୍କ ଅନ୍ୟ କିଛି ସମ୍ପର୍କୀୟ ଅର୍ଥାତ୍ ୧୮ ଜଣ ଠକେଇରେ ସମ୍ପୃକ୍ତ ଥିବା ଜଣାପଡ଼ିଛି । ତଦନ୍ତରେ, ସମସ୍ତେ ମନରେଗା ଅଧୀନରେ ବେଆଇନ ଭାବରେ ଟଙ୍କା ନେଇଥିବା ଅଭିଯୋଗ ହୋଇଛି ।



ବୁଧବାର, ଏପ୍ରିଲ ୨ ତାରିଖରେ, ଜିଲ୍ଲା ଡିଏମ୍ ନିଧି ଗୁପ୍ତା ଭାଟସ୍ କହିଥିଲେ ଯେ ପ୍ରାରମ୍ଭିକ ତଦନ୍ତରୁ ଜଣାପଡିଛି ଯେ ମନରେଗାରେ ଟଙ୍କା ବଣ୍ଟନରେ ଜାଲିଆତି ହୋଇଛି । ଏଥିରେ ଦୋଷୀ ସାବ୍ୟସ୍ତ ହୋଇଥିବା କର୍ମଚାରୀମାନଙ୍କୁ ନିଲମ୍ବିତ କରିବା ପାଇଁ ନିର୍ଦ୍ଦେଶ ଜାରି କରାଯାଇଛି । ଏଥିସହ ତାଙ୍କ ବିରୋଧରେ ପଞ୍ଚାୟତ ରାଜ ଆଇନ ଅନୁଯାୟୀ ଏକ ପୋଲିସ ରିପୋର୍ଟ ମଧ୍ୟ ରୁଜୁ କରାଯାଇଛି ।

ଡିଏମ୍‌ଙ୍କ ଅନୁଯାୟୀ, ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ଦ୍ୱାରା କରାଯାଇଥିବା ମାମଲାର ତଦନ୍ତରେ ମୋଟ ୧୮ ଜଣଙ୍କ ନାମ ପ୍ରକାଶ ପାଇଛି । ଯେଉଁମାନେ କୌଣସି କାମ ନକରି ମନରେଗା ଭଣ୍ଡାରୁ ଟଙ୍କା ନେଉଥିଲେ । ସେହି ୧୮ ଜଣଙ୍କ ମଧ୍ୟରେ ମହମ୍ମଦ ଶାମୀଙ୍କ ବଡ଼ ଭଉଣୀ ଶବିନା, ତାଙ୍କ ସ୍ୱାମୀ ଗଜନବୀ, ଶବିନାଙ୍କ ତିନି ଭାଇଭଉଣୀ ଆମିର ସୁହେଲ, ନାସିରୁଦ୍ଦିନ ଏବଂ ଶେଖୁ ଥିଲେ । ଡିଏମ୍ ଆହୁରି କହିଛନ୍ତି ଯେ ଏଥିରେ ଗ୍ରାମ ମୁଖିଆ ଗୁଲେ ଆୟେଶାଙ୍କ ଝିଅ ଏବଂ ପୁଅମାନଙ୍କ ନାମ ମଧ୍ୟ ଅନ୍ତର୍ଭୁକ୍ତ ।

# ୧୯୭୫ ବିଶ୍ୱକପ ଐତିହାସିକ ବିଜୟର ୫୦ତମ ବାର୍ଷିକ ପାଳନ କରିବ ଓ୍ୱେଷ୍ଟଇଣ୍ଡିଜ



**ନୂଆଦିଲ୍ଲୀ, ୩।୪:** ଲର୍ଡସ୍ କ୍ରିକେଟ ଗ୍ରାଉଣ୍ଡ ଲଣ୍ଡନରେ ୨୧ ଜୁନ ୧୯୭୫ରେ ବିଶ୍ୱକପ ବିଜୟୀ ହେବାର ୫୦ ବର୍ଷ ପୂର୍ତ୍ତି ଅବସରରେ ଓ୍ୱେଷ୍ଟ ଇଣ୍ଡିଜ ଏହି ଐତିହାସିକ ୧୯୭୫ ବିଶ୍ୱକପ ବିଜୟର ୫୦ତମ ବାର୍ଷିକ ପାଳନ କରିବ । ସେତେବେଳେ ଏହାକୁ ପ୍ରୁଡେଣ୍ଟିୟଲ ଓ୍ୱର୍ଲଡ କପ କୁହାଯାଉଥିଲା । ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲରେ ଅଷ୍ଟ୍ରେଲିଆ ବିରୋଧରେ କ୍ଲାଇଭ୍ ଲାୟଡର ଉଜ୍ୱଳ ଶତାବ୍ଦୀ ଓ୍ୱେଷ୍ଟ ଇଣ୍ଡିଜକୁ ୧୭ ରନରେ ଜିତିବାରେ ସାହାଯ୍ୟ କରିଥିଲା ଏବଂ ଲୟଡ ଟ୍ରଫି ଉଠାଇଥିଲେ ।

ଓ୍ୱେଷ୍ଟ ଇଣ୍ଡିଜର ଏହି ଐତିହାସିକ ସମ୍ମାନ ସମାରୋହ ଆୟୋଜନ ବାରବାଡୋସରେ ହେବ, ଯଦିଓ ବର୍ତ୍ତମାନ ତାରିଖ ଘୋଷଣା କରାଯାଇନାହିଁ ।

ବିଶ୍ୱପ୍ରସିଦ୍ଧ କ୍ରିକେଟର ମାଇକଲ ହୋଲ୍ଡିଙ୍ଗ ଏହି ଯୋଜନାକୁ ସ୍ୱାଗତ କରି କହିଛନ୍ତି ଯେ ଏହା ଏକ ଭଲ ଚିନ୍ତାଧାରା । ମୁଁ ସବିଶେଷ ତଥ୍ୟ ଜାଣିନାହିଁ, କିନ୍ତୁ ଏହା ବହୁତ ଭଲ ଯେ ଆମର ସଫଳତାକୁ ସ୍ୱୀକୃତି ଦିଆଯାଉଛି ।

■ ଏମ୍‌ସିଏର ବଡ଼ ସୂଚନା

## ମୁମ୍ବାଇ ଛାଡ଼ି ଯିବେ ନାହିଁ ସୂର୍ଯ୍ୟକୁମାର

**ମୁମ୍ବାଇ,୩।୪:** ଭାରତୀୟ ଟି୨୦ ଦଳର ଅଧିନାୟକ ସୂର୍ଯ୍ୟକୁମାର ଯାଦବ ମୁମ୍ବାଇ ଛାଡ଼ି ଯାଉ ନାହାନ୍ତି । ମୁମ୍ବାଇ କ୍ରିକେଟ ଆସୋସିଏଶନ (ଏମ୍‌ସିଏ) ପକ୍ଷରୁ ଗୁରୁବାର ଏହି ସୂଚନା ଦିଆଯାଇଛି । ଜଶସ୍ୱି ଜୟସ୍ୱାଲ ଆଗାମୀ ଘରୋଇ ସିଜନ ଲାଗି ମୁମ୍ବାଇ ଛାଡ଼ି




ଗୋଆ ଦଳରେ ଯୋଗ ଦେବା ପରେ ସୂର୍ଯ୍ୟକୁମାର ମଧ୍ୟ ସମାନ ବାଟ ବାଛିପାରନ୍ତି ବୋଲି କିଛି ରିପୋର୍ଟ ପ୍ରକାଶ ପାଇଥିଲା । ହେଲେ ଏମ୍‌ସିଏ ପକ୍ଷରୁ ରିପୋର୍ଟକୁ ଖଣ୍ଡନ କରାଯାଇଛି । ସୂର୍ଯ୍ୟକୁମାର ମୁମ୍ବାଇ ବଦଳରେ ଗୋଆ ପାଇଁ ଆଗାମୀ ଘରୋଇ ସିଜନରେ ଖେଳିବାକୁ ଯାଉଥିବା ନେଇ ସୋସିଆଲ ମିଡିଆରେ ହେଉଥିବା ଗୁଜବ ସମ୍ପର୍କରେ ଏମ୍‌ସିଏକୁ ଜଣାଅଛି । ଏମ୍‌ସିଏ ଅଧିକାରୀ ଗୁରୁବାର ସକାଳେ ସୂର୍ଯ୍ୟଙ୍କ ସହ କଥା ହୋଇଥିଲେ ଏବଂ ଏସବୁ ରିପୋର୍ଟରେ କୌଣସି ସତ୍ୟତା ନ ଥିବା ସେ ସ୍ପଷ୍ଟ କରିଛନ୍ତି । ସୂର୍ଯ୍ୟକୁମାର ମୁମ୍ବାଇ ପାଇଁ ଖେଳିବା ଲାଗି ପ୍ରତିଶ୍ରୁତିବଦ୍ଧ ଏବଂ ମୁମ୍ବାଇ ଲାଗି ଖେଳୁଥିବାରୁ ଗର୍ବିତ । ଆମେ ସଭିଙ୍କୁ ମିଥ୍ୟା ଖବର ପ୍ରସାର କରିବାଠାରୁ ଦୂରେଇ ରହିବାକୁ ଅନୁରୋଧ କରୁଛୁ ବୋଲି ଏମ୍‌ସିଏ ସମ୍ପାଦକ ଅଭୟ ହଡପ କହିଛନ୍ତି ।

## ଆଇପିଏଲ୍ ମଝିରୁ ଗୁଜରାଟ କ୍ୟାମ୍ପ ଛାଡ଼ିଲେ ରାବାଡା

**ମୁମ୍ବାଇ, ୩।୪:** ବୁଧବାର ଆରସିବିକୁ ହରାଇ ଆଇପିଏଲ୍ ୨୦୨୫ରେ ଦ୍ୱିତୀୟ ବିଜୟ ହାସଲ କରିଥିଲା ଗୁଜରାଟ ଟାଇଟନ୍ସ । ଦଳ ପଏଣ୍ଟ ଟେବୁଲ୍‌ର ଶୀର୍ଷକୁ ଉଠିବାକୁ ଚେଷ୍ଟା କରୁଥିବା ବେଳେ ବଡ଼ ଝଟକା ଲାଗିଛି । ମିଳିଥିବା ସୂଚନା ଅନୁସାରେ, ଦଳର ତାରକା ବୋଲର କାଗିସୋ ରାବାଡା ନିଜ ଘରକୁ ଫେରି ଯାଇଛନ୍ତି । ସେ କାହିଁକି ଫେରିଯିବାକୁ ନିଷ୍ପତ୍ତି ନେଇଛନ୍ତି ସେନେଇ ସୂଚନା ମିଳିନଥିବା ବେଳେ ଦଳ ପାଇଁ ଏହା ବହୁତ ବଡ଼ କ୍ଷତି ହେବ ।




ଗୁଜୁରାଟ ଟାଇଟନ୍ସ ପକ୍ଷରୁ କୁହାଯାଇଛି ଯେ, ଦଳର ଦ୍ରୁତ ବୋଲର କାଗିସୋ ରାବାଡା କିଛି ବ୍ୟକ୍ତିଗତ କାମ ଯୋଗୁଁ ହଠାତ୍ ଦକ୍ଷିଣ ଆଫ୍ରିକା ଫେରି ଯାଉଛନ୍ତି । ହେଲେ ରାବାଡା କେବେ ଫେରିବେ ସେନେଇ ସୂଚନା ଦେଇନାହିଁ ଦଳ । ରାବାଡା ଚଳିତ ଆଇପିଏଲରେ ଗୁଜରାଟ ଟାଇଟନ୍ସ ପାଇଁ ଦୁଇଟି ମ୍ୟାଚ୍ ଖେଳିଛନ୍ତି । ଦୁଇଟି ମ୍ୟାଚରେ ସେ କେବଳ ଦୁଇଟି ଓ୍ୱିକେଟ୍ ନେଇଛନ୍ତି । ପଞ୍ଜାବ କିଙ୍ଗ୍ସ ବିପକ୍ଷରେ ସେ ୪୧ ରନ ଦେଇ ଗୋଟିଏ ଓ୍ୱିକେଟ୍ ନେଇଥିଲେ । ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷରେ ସେ ୪୨ ରନ ଦେଇ ଗୋଟିଏ ଓ୍ୱିକେଟ୍ ନେଇଥିଲେ ।

ବୁଧବାର ଗୁଜରାଟ ଟାଇଟନ୍ସ, ଆରସିବି ବିପକ୍ଷରେ ମ୍ୟାଚ୍ ଖେଳିଥିଲା । ଏହି ମ୍ୟାଚ୍‌ରେ କାଗିସୋ ରାବାଡା ଖେଳି ନଥିଲେ । ତାଙ୍କ ସ୍ଥାନରେ ଅରଶଦ ଖାନଙ୍କୁ ସୁଯୋଗ ମିଳିଥିଲା । ଗୁଜରାଟ ଟାଇଟନ୍ସ ଏହି ମ୍ୟାଚ୍‌ରେ ଚମତ୍କାର ବିଜୟ ହାସଲ କରିଥିଲା । ଏବେ ବିକଳ୍ପ ଅଛି । ନିଜର ଚମତ୍କାର ଫିଲ୍ଡିଂ ଏବଂ ବିସ୍ଫୋରକ ବ୍ୟାଟିଂ ଯୋଗୁଁ ସାରା ବିଶ୍ୱରେ ପ୍ରସିଦ୍ଧି ଅର୍ଜନ କରିଥିବା ଗ୍ଲେନ୍ ଫିଲିପ୍ସଙ୍କୁ ସୁଯୋଗ ମିଳିନାହିଁ । ହୁଏତ ତାଙ୍କୁ ପରବର୍ତ୍ତୀ ମ୍ୟାଚ୍ ଖେଳିବାର ସୁଯୋଗ ମିଳିପାରେ ।

ଗେରାଲ୍ଡ କୋଏତଜୀ ମଧ୍ୟ ଚୂଡ଼ାନ୍ତ ଏକାଦଶରେ ସ୍ଥାନ ପାଇନାହାନ୍ତି । ଦଳ ଏପର୍ଯ୍ୟନ୍ତ ତିନୋଟି ମ୍ୟାଚ୍ ଖେଳିଛି ଏବଂ ଦୁଇଟିରେ ବିଜୟୀ ହୋଇଛି । ଦଳ ବର୍ତ୍ତମାନ ପଏଣ୍ଟ ଟେବୁଲରେ ଚତୁର୍ଥ ସ୍ଥାନରେ ଅଛି । ଗୁଜରାଟ ଟାଇଟନ୍ସ ଦଳ ପରବର୍ତ୍ତୀ ମ୍ୟାଚ୍ ଏପ୍ରିଲ ୬ରେ ସନରାଇଜର୍ସ ହାଇଦ୍ରାବାଦ ବିପକ୍ଷରେ ଖେଳିବ । ସେପଟେ ଯଦି କାଗିସୋ ରାବାଡା ସମ୍ପୂର୍ଣ୍ଣ ସିଜିନ୍ ଖେଳିବେ ନାହିଁ, ତେବେ ଦଳକୁ ତାଙ୍କ ସ୍ଥାନରେ ଅନ୍ୟ ଜଣେ ଖେଳାଳିଙ୍କ ନାମ ଘୋଷଣା କରିବାକୁ ପଡିବ ।

## ଲିଙ୍ଗ ପରିବର୍ତ୍ତନ ପରେ ଭାରତରେ ପହଞ୍ଚି ବିୟୁଟି ପାର୍ଲର ଗଲେ ଅନାୟା

**ନୂଆଦିଲ୍ଲୀ, ୩।୪:** ସଞ୍ଜୟ ବଙ୍ଗରଙ୍କ ପୁଅ ଆରୟନ ବଙ୍ଗର ନିକଟରେ ଲିଙ୍ଗ ପରିବର୍ତ୍ତନ କରି ପୁଅରୁ ଝିଅ ହୋଇଥିବା ଘଟଣା ଏଯାଏଁ ଚର୍ଚ୍ଚାରେ ରହିଛି । ସମ୍ପ୍ରତି ଖବର ମିଳିଛି ଅନାୟା ଆଇପିଏଲ ମ୍ୟାଚ ଚାଲିଥିବା ବେଳେ ଭାରତରେ ଆସି ପହଞ୍ଚିଛନ୍ତି । ଭାରତରେ ପହଞ୍ଚିବା ପରେ ଅନାୟା ସମୟ ବିଳମ୍ବ ନକରି ନିଜର ଲୁକ ପରିବର୍ତ୍ତନ ପାଇଁ ବିୟୁଟି ପାର୍ଲରରେ ପହଞ୍ଚି ଯାଇଥିଲେ । ଏଠାରେ ଲୁକ ପରିବର୍ତ୍ତନ ପରେ ଏକ ଭିଡିଓ ସେୟାର କରି ଅନାୟା କ୍ୟାପସନ ଦେଇ ଲେଖିଛନ୍ତି, 'ଏବେ ମୋତେ ଆଉ କ'ଣ ଟ୍ରାଏ କରିବାକୁ ହେବ ।'

## ଦିବାରାତ୍ର ଭଲିବଲ୍ ପ୍ରତିଯୋଗିତା ଚିଲିଦା ଚମ୍ପିଆନ୍

**ପାଟଣା, ୩।୪:** ପାଟଣା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଝୁମ୍ପୁରା ବ୍ଲକ ଅନ୍ତର୍ଗତ ବଡନେଉଳି ପଞ୍ଚାୟତର ପାଣପଶିସ୍ଥିତ ମା' ବୀଣାପାଣି ଯୁବକ ସଂଘ ଆନୁକୂଲ୍ୟରେ ଦିବାରାତ୍ର ଭଲିବଲ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୋଟ ୮ଟି ଦଳ ଅଂଶଗ୍ରହଣ କରିଥିବାବେଳେ ଚିଲିଦା ଓ କାଟୁଳିକନା ଦଳ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା । ଫାଇନାଲ ମ୍ୟାଚରେ ଚିଲିଦା ଦଳ ବିଜୟୀ ହୋଇ ଚମ୍ପିଆନ୍ ଆଖ୍ୟା ଅର୍ଜନ କରିଥିଲା ।

ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ସାମାଜିକ କର୍ମୀ ଈଶ୍ୱର ଚନ୍ଦ୍ର ନାଏକ ମୁଖ୍ୟଅତିଥି ଭାବେ ଯୋଗଦେଇ ଚମ୍ପିଆନ୍ ଓ ରନର୍ସଅପ୍ ଦଳକୁ ପୁରସ୍କାର ବଣ୍ଟନ କରିଥିଲେ । ରେଫରୀ ଲାଲୁପ୍ରସାଦ ସେଠୀ ଓ ବାସୁଦେବ ପ୍ରଧାନ ମ୍ୟାଚ୍ ପରିଚାଳନା କରିଥିବାବେଳେ ମା' ବୀଣାପାଣି ଯୁବକ ସଂଘର ସଦସ୍ୟ କର୍ମୁ ଦାସ, ସୁଶୀଲ ମହାନ୍ତ, ଦିପୁନ ମହାନ୍ତ, ପ୍ରଦୋଷ ମହାନ୍ତଙ୍କ ସମେତ ଅନ୍ୟ ସଦସ୍ୟମାନେ ପରିଚାଳନାରେ ସହଯୋଗ କରିଥିଲେ ।



# ରାଜ୍ୟସ୍ତରୀୟ ଓପନ ବଡି ବିଲଡିଂ ଚମ୍ପିୟନସିପ୍‌ରେ ଅନନ୍ତଙ୍କୁ ସ୍ୱର୍ଣ୍ଣ

**ଭୁବନେଶ୍ୱର, ୩।୪:** ବୀର କଳିଙ୍ଗ ପୁତ୍ର ରାଜ୍ୟସ୍ତରୀୟ ଓପନ ବଡି ବିଲଡିଂ ଚମ୍ପିୟାନସିପ୍ ୨୦୨୫, ଓଡିଶା ବଡି ବିଲଡିଂ ସଂଘ, ପୁରୀ ଦ୍ୱାରା ଆୟୋଜିତ ତୃତୀୟ ସଂସ୍କରଣରେ ବଡି ବିଲଡିଂରେ ଭୁବନେଶ୍ୱରର ଅନନ୍ତ କୁମାର ନାୟକ ପ୍ରଥମ ସ୍ଥାନ ଅଳଙ୍କୃତ କରିବା ସହିତ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି ତା'ସହିତ ପୁରୁଷ ଫିଜିକ୍ସରେ ମଧ୍ୟ ଟପ୍ ପାଞ୍ଚ ନମ୍ବରରେ ରହିଛନ୍ତି ।

ଝାରପଡା, ଭୁବନେଶ୍ୱରସ୍ଥିତ ବିଙ୍ଗଷ୍ଟ୍ରଙ୍ଗ ୨୪ ଜିମ୍ ରେ ଗୁରୁ ଶୁଭାଶିଷ ପାତ୍ରଙ୍କ ଠାରୁ ଅନନ୍ତ ଶିକ୍ଷା ଲାଭ କରୁଛନ୍ତି । ତେବେ ୬୫ କିଲୋଗ୍ରାମ ଓଜନର ଭାର ଉତ୍ତୋଳନ କରି ଅନନ୍ତ ଏହି ସଫଳତା ହାସଲ କରିଛନ୍ତି । ଆୟୋଜକ, ବୀର କଳିଙ୍ଗ ପୁତ୍ର ଓପନ ବଡି ବିଲଡିଂ ମହାସଂଘର ସାଧାରଣ ସମ୍ପାଦକ ପ୍ରସନ୍ନ କୁମାର ମହାସୁଆର, ସହ ସମ୍ପାଦକ ପ୍ରଫୁଲ୍ଲ କୁମାର ଚନ୍ଦ୍ର, ସଭାନେତ୍ରୀ ସୁମିତ୍ରା ତ୍ରିପାଠୀ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ତେବେ ସାରା ଓଡିଶାରୁ ଏହି ପ୍ରତିଯୋଗିତାରେ ୧୫୦ ଜଣ ପ୍ରତିଯୋଗୀ ଭାଗ ନେଇଥିବା ବେଳେ ବିଭିନ୍ନ ସୋପାନ ସଫଳତାର ସହ ଅତିକ୍ରମ କରି ଅନନ୍ତ କୁମାର ନାୟକ ଓପନ ବଡି ବିଲଡିଂରେ ପ୍ରଥମ ସ୍ଥାନ ଅଳଙ୍କୃତ କରିବା ସହିତ ସ୍ୱର୍ଣ୍ଣ ପଦକ ହାସଲ କରି ଗୌରବ ଆଣିଛନ୍ତି ।



ଏ ସଫଳତାର ଶ୍ରେୟ ସ୍ୱର୍ଣ୍ଣ ପଦକ ବିଜେତା ଅନନ୍ତ କୁମାର ନାୟକ ତାଙ୍କ ଗୁରୁ ଶୁଭାଶିଷ ପାତ୍ର ଏବଂ ବିଙ୍ଗଷ୍ଟ୍ରଙ୍ଗ ଅନୁଷ୍ଠାନର ବୋଲି ନିଜର ମତ ରଖିଥିଲେ । ଏହି ସଫଳତା ପାଇଁ ତାଙ୍କୁ ସାରା ରାଜ୍ୟବାସୀ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି ।

ଏ ସଫଳତାର ଶ୍ରେୟ ସ୍ୱର୍ଣ୍ଣ ପଦକ ବିଜେତା ଅନନ୍ତ କୁମାର ନାୟକ ତାଙ୍କ ଗୁରୁ ଶୁଭାଶିଷ ପାତ୍ର ଏବଂ ବିଙ୍ଗଷ୍ଟ୍ରଙ୍ଗ ଅନୁଷ୍ଠାନର ବୋଲି ନିଜର ମତ ରଖିଥିଲେ । ଏହି ସଫଳତା ପାଇଁ ତାଙ୍କୁ ସାରା ରାଜ୍ୟବାସୀ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି ।

Edited, Printed & Published by Salila Kar on behalf of Matrubhasa Prachar Samittee, Printed at Nijukti Khabar Prakashan, TS3/193, Mancheswar Industrial Estate, Bhubaneswar-751010 and Published from Sarthak Palace, Plot No - 1570/1571, Sector - 6, CDA, Bidanasi, Cuttack - 753014

Ph : 0671-2506673, 0671-2503911
Fax - 0671-2503244

ସମ୍ପାଦିକା : ସଲୀଳା କର
Editor : Salila Kar

CMYK